# ସୁନ୍ଦରଗଡ଼ରେ ବିଜେଡିର ଶକ୍ତି ୨ରୁ ୩କୁ ବୃଦ୍ଧି

ରାଉରକେଲା, ୨୦।୬ (ଦେବବ୍ରତ ପଟ୍ଟନାୟକ)



ସାରଦା ପ୍ରସାଦ ନାୟକ (୨୦୦୪,୨୦୦୯,୨୦୧୯,୨୦୨୪)



ସୁବ୍ରତ ତରାଇ (୨୦୦୯,୨୦୧୪,୨୦୧୯)



ମଙ୍ଗଳା କିଷାନ (୨୦୦୦ ଏବଂ ୨୦୧୪)



ଅଜିତ ଦାସ (୨୦୦୦)



ରୋହିତ ଯୋଶେଫ ତିର୍କୀ (୨୦୨୪)



ଯୋଗେଶ କୁମାର ସିଂହ (୨୦୨୪)

୨୦୨୪ ସାଧାରଣ ନିର୍ବାଚନରେ ବିଜେପି ଅବିଶ୍ୱସନୀୟ ଫଳାଫଳ କରିଛି। ଏହି ନିର୍ବାଚନରେ ବିଜେପି ସଂଖ୍ୟା ଗରିଷ୍ଠତା ହାସଲ କରି ସରକାର ଗଠନ କରିଛି। ବିଜେଡି ସୁନ୍ଦରଗଡ଼ ଜିଲ୍ଲାରେ ପୂର୍ବାପେକ୍ଷା ଭଲ ସଫଳତା ହାସଲ କରିଛି। ରାଜ୍ୟରେ ବିଜେଡିର ଜନ୍ମପରେ ସୁନ୍ଦରଗଡ଼ ଜିଲ୍ଲାର ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ସବୁବେଳେ ୨ଟି ବିଧାନସଭାରେ ବିଜେଡି ଦଳ ନିର୍ବାଚିତ ହୋଇଆସିଛି। ଅର୍ଥାତ୍ ସୁନ୍ଦରଗଡ଼ ଜିଲ୍ଲାରେ ବିଜେଡିର ୨ଟି ଆସନରୁ କେବେ ବି ବୃଦ୍ଧି ପାଇନାହିଁ। ମାତ୍ର ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିକୁ ୩ଟି ଆସନ ମିଳିଛି। ରାଉରକେଲା, ବୀରମିତ୍ରପୁର ଏବଂ ସୁନ୍ଦରଗଡ଼ ସଦର ଆସନରେ ବିଜୁ ଜନତା ଦଳର ପ୍ରାର୍ଥୀମାନେ ବିଜୟୀ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ସମ୍ପୂର୍ଣ୍ଣ ନୂଆ ମୁହଁ ମଧ୍ୟ ରହିଛନ୍ତି। ସେ ହେଉଛନ୍ତି ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଜୟୀ ବିଜେଡି ପ୍ରାର୍ଥୀ ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ପୁଅ ରୋହିତ ଯୋଶେଫ ତିର୍କୀ। ସେ ଚଳିତ ନିର୍ବାଚନରେ ବିଜେପି ପ୍ରାର୍ଥୀ ଶଙ୍କର ଓରାମଙ୍କ ଠାରୁ ୬୮୭୯ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ନିର୍ବାଚନ ଫଳାଫଳରେ ବିଜେଡି ପ୍ରାର୍ଥୀ ରୋହିତ ଯୋଶେଫଙ୍କୁ ତିର୍କୀ ୮୩ ହଜାର ୮୨୨ ଖଣ୍ଡ ଭୋଟ ମିଳିଥିଲା ବେଳେ ବିଜେପି ପ୍ରାର୍ଥୀ ଶଙ୍କର ଓରାମଙ୍କୁ ମିଳିଛି ୭୬ ହଜାର ୯୪୩ ଖଣ୍ଡ ଭୋଟ। ସେହିପରି ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେପିପ୍ରାର୍ଥୀ ଦିଲୀପ ରାୟଙ୍କୁ ବିଜେଡି ପ୍ରାର୍ଥୀ ସାରଦା ପ୍ରସାଦ ନାୟକ ୩୫୭୯ ଖଣ୍ଡ ଭୋଟରେ ପରାସ୍ତକରି ବିଜୟୀ ହୋଇଛନ୍ତି। ଏହି ନିର୍ବାଚନରେ ବିଜେଡି ପ୍ରାର୍ଥୀ ସାରଦା ପ୍ରସାଦ ନାୟକଙ୍କୁ ୬୪ ହଜାର ୩୫୫ ଖଣ୍ଡ ଭୋଟ ମିଳିଥିଲାବେଳେ ବିଜେପି ପ୍ରାର୍ଥୀ ଦିଲୀପ ରାୟଙ୍କୁ ମିଳିଛି ୬୦ ହଜାର ୭୭୬ ଖଣ୍ଡ ଭୋଟ। ସେହିପରି ସୁନ୍ଦରଗଡ଼ ସଦର ଆସନରେ ବିଜେଡି ପ୍ରାର୍ଥୀ ଯୋଗେଶ ସିଂହ ବିଜେପି ପ୍ରାର୍ଥୀ କୁସୁମ ଟେଟେଙ୍କୁ ୯୧୨୨ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ଯୋଗେଶ ସିଂହ ୮୬, ୩୯୮ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ କୁସୁମ ଟେଟେ ୭୭, ୨୭୬ ଖଣ୍ଡ ଭୋଟ ପାଇଛନ୍ତି। ଯଦି ରାଉରକେଲା ବିଧାନସଭା କ୍ଷେତ୍ର କଥା କହିବା, ୨୦୦୦ ମସିହାରେ ଅଜିତ ଦାସ ବିଜେଡି ବିଧାୟକ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ସାରଦା ପ୍ରସାଦ ନାୟକ ୨୦୦୪ରେ କଂଗ୍ରେସ ଟିକେଟରୁ ବଞ୍ଚିତ ହେବାପରେ ବିଜୁ ଜନତା ଦଳରେ ଯୋଗ ଦେଇ ବିଧାନସଭା ନିର୍ବାଚନରେ ବିଜେଡିରୁ ପ୍ରଥମ କରି ଟିକଟ ହାତେଇବା ସହ ୨୦୦୪ ନିର୍ବାଚନରେ ସର୍ବାଧିକ ୭୨, ୩୪୩ ଖଣ୍ଡ ଭୋଟ ପାଇ ବିଜେପି ପ୍ରାର୍ଥୀ ନିହାର ରାୟଙ୍କଠାରୁ ୨୫, ୯୦୫ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ସେତେବେଳେ ବିଜେପି ପ୍ରାର୍ଥୀ ନିହାର ରାୟ ୪୬, ୪୩୮ ଖଣ୍ଡ ଭୋଟ ପାଇଥିଲେ। ଏହାପରେ ୨୦୦୯ ବିଧାନସଭା ନିର୍ବାଚନରେ ସାରଦା ପ୍ରସାଦ ନାୟକ ପୁନର୍ବାର ୪୬, ୦୨୦ ଖଣ୍ଡ ଭୋଟ ପାଇ ବିଜେପି ପ୍ରାର୍ଥୀ ରମେଶ ଅଗ୍ରୱାଲଙ୍କ ଠାରୁ ୨୫, ୫୯୬ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ସେତେବେଳେ ବିଜେପି ପ୍ରାର୍ଥୀ ରମେଶ ଅଗ୍ରୱାଲ ୨୦, ୪୨୪ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ୨୦୧୪ ବିଧାନସଭା ନିର୍ବାଚନରେ ବିଜେଡି ତାଙ୍କୁ ପୁନର୍ବାର ଭରସା କରି ଟିକଟ ଦେଇଥିଲା। ମାତ୍ର ସେତେବେଳେ ସାରଦା ନାୟକ ୧୦, ୯୨୯ ଖଣ୍ଡ ଭୋଟ ବ୍ୟବଧାନରେ ବିଜେପି ପ୍ରାର୍ଥୀ ଦିଲୀପ ରାୟଙ୍କ ଠାରୁ ପରାଜିତ ହୋଇଥିଲେ। ୨୦୧୪ ବିଧାନସଭା ନିର୍ବାଚନରେ ଦିଲୀପ ରାୟ ବିଜେପିରୁ ପ୍ରାର୍ଥୀ ହୋଇ ମୋଟ ୫୯, ୬୫୩ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲାବେଳେ ସାରଦା ନାୟକ ୪୮, ୭୨୪ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। କଂଗ୍ରେସ ପ୍ରାର୍ଥୀ ପ୍ରଭାତ ମହାପାତ୍ରଙ୍କୁ ୧୦, ୩୯୭ ଖଣ୍ଡ ଭୋଟ ମିଳିଥିଲା। ୨୦୧୮ ଶେଷ ୨୦୧୯ ଆଗମନ ସମୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଧାୟକ ଦିଲ୍ଲୀପ ରାୟ ନିଜ ବିଧାୟକ ପଦ ଏବଂ ବିଜେପିରୁ ଇସ୍ତଫା ଦେଇଥିଲେ। ୨୦୧୯ ନିର୍ବାଚନରେ ସାରଦା ପ୍ରସାଦ ନାୟକଙ୍କର ବିଜେପିପ୍ରାର୍ଥୀ ନିହାର ରାୟଙ୍କ ସହ ଲଢେଇ ହୋଇଥିଲା। ଏଥିରେ ସାରଦା ୬୦, ୭୦୫ ଖଣ୍ଡ ଭୋଟ ପାଇ ୧୦, ୪୩୦ ଖଣ୍ଡ ଭୋଟ ବ୍ୟବଧାନରେ ବିଜେପି ପ୍ରାର୍ଥୀ ନିହାର ରାୟଙ୍କୁ ପରାସ୍ତ କରିଥିଲେ। ସେତେବେଳେ ନିହାର ରାୟ ୫୦, ୨୭୫ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ବୀରେନ ସେନାପତି ୧୩, ୯୭୭ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଆଉଚଳିତ ନିର୍ବାଚନରେ ମଧ୍ୟ ସାରଦା ପ୍ରସାଦ ନାୟକ ରାଉରକେଲାରୁ ବିଜୟୀ ହୋଇଛନ୍ତି। ଅର୍ଥାତ୍ ବିଜେଡି ଗଠନ ପରେ ସାରଦା ପ୍ରସାଦ ନାୟକ ବିଜେଡିରୁ ୩ ଥର ବିଧାୟକ ପ୍ରାର୍ଥୀ ହୋଇ ନିର୍ବାଚିତ ହୋଇଥିବାବେଳେ ୨୦୧୪ରେ ଥରେ ପରାଜିତ ହୋଇଥିଲେ। ସେହିପରି ସୁବ୍ରତ ତରାଇ ୨୦୦୯, ୨୦୧୪ ଏବଂ ୨୦୧୯ ନିର୍ବାଚନରେ ୩ ଥର ଲଗାତାର ବିଜୟୀ ହୋଇ ହ୍ୟାଟ୍ରିକ କରିଥିଲେ। ଯଦି ୨୪ ବର୍ଷର ବିଜେଡି ସରକାରକୁ ଯଦି ଦେଖାଯାଏ, ତେବେ ୨୦୦୦ରେ ରାଉରକେଲାରୁ ଅଜିତ ଦାସ ଓ ରାଜଗାଙ୍ଗପୁରରୁ ମଙ୍ଗଳା କିଷାନ ବିଜୟୀ ହୋଇଥିଲା ବେଳେ ସୁନ୍ଦରଗଡ଼ ଜିଲ୍ଲାରେ ବିଜେଡିକୁ ୨ଟି ଆସନ ମିଳିଥିଲା। ୨୦୦୪ ନିର୍ବାଚନରେ ରାଉରକେଲାରୁ କେବଳ ସାରଦା ନାୟକ ବିଜୟୀ ହୋଇଥିଲା ବେଳେ ସୁନ୍ଦରଗଡ଼ ଜିଲ୍ଲାରେ ବିଜେଡିକୁ ଗୋଟିଏ ମାତ୍ର ଆସନ ମିଳିଥିଲା। ସେହିପରି ୨୦୦୯ରେ ରାଉରକେଲାରୁ ସାରଦା ପ୍ରସାଦ ନାୟକ ଓ ରଘୁନାଥପାଲୀରୁ ସୁବ୍ରତ ତରାଇ ବିଜୟୀ ହୋଇଥିବାରୁ ବିଜେଡିକୁ ୨ଟି, ୨୦୧୪ରେ ରଘୁନାଥପାଲୀରୁ ସୁବ୍ରତ ତରାଇ ଓ ରାଜଗାଙ୍ଗପୁରରୁ ମଙ୍ଗଳା କିଷାନ ବିଜୟୀ ହୋଇଥିବାରୁ ବିଜେଡିକୁ ୨ଟି ଏବଂ ୨୦୧୯ରେ ରାଉରକେଲାରୁ ସାରଦା ପ୍ରସାଦ ନାୟକ ଓ ରଘୁନାଥପାଲୀରୁ ସୁବ୍ରତ ତରାଇ ବିଜୟୀ ହୋଇ ବିଜେଡିକୁ ୨ଟି ଆସନ ପ୍ରଦାନ କରିଥିଲା। ସୁତରାଂ ବିଜେଡିର ଅଭ୍ୟୁଦୟ ପରେ ସୁନ୍ଦରଗଡ଼ ଜିଲ୍ଲାରେ ଏହାର ଆସନ ସଂଖ୍ୟା ୨ରୁ କେବେ ଟପିନାହିଁ। ଚଳିତ ନିର୍ବାଚନରେ ବିଜେଡି ସଂଖ୍ୟା ୨ରୁ ୩କୁ ବୃଦ୍ଧି ପାଇଥିବାରୁ ଯଦିଓ ଜିଲ୍ଲାର କର୍ମୀ ଓ ନେତାଙ୍କର ମନୋବଳ ବୃଦ୍ଧି ପାଇଛି, ମନରେ ସରାଗ ନାହିଁ। କାରଣ ରାଜ୍ୟରେ ବିଜେଡି ଶାସନରେ ନ ଥିବାରୁ ସେମାନେ ନିରୁତ୍ସାହିତ ହୋଇଯାଇଛନ୍ତି। ତେବେ ବିଜେଡି ସୁପ୍ରିମୋ ବିରୋଧୀ ଦଳର ନେତା ଭାବେ ଚୟନ ହେବା ପରେ ପୁନର୍ବାର ମିଳିମିଶି ସମସ୍ତେ ଦଳ ପାଇଁ କାମ କରିବାକୁ ବଳ ଗୋଟାଉଥିବା ଜଣାପଡ଼ିଛି, ଯାହାକୁ ଆସନ୍ତା ୨୦୨୯ ନିର୍ବାଚନ ପାଇଁ ରଣକୌଶଳ ଓ ଖସଡା ପ୍ରସ୍ତୁତ କରିବା ପାଇଁ ସହାୟକ ହେବ।

**୨୪ ବର୍ଷରେ ୨ରୁ ବଢ଼ି ନ ଥିଲା ବିଜେଡି ଆସନ ସଂଖ୍ୟା**

## ତାଲା ଭାଙ୍ଗି ଲୁଟିନେଲେ ଲକ୍ଷାଧିକ ଟଙ୍କାର ସାମଗ୍ରୀ

**ବଣାଇଁ, ୨୦।୬(ସମିସ) :** ଦିନକୁ ଦିନ ବଣାଇଁ ଅଞ୍ଚଳରେ ବଢ଼ି ଚାଲିଛି ଚୋର ମାନଙ୍କ ଉପଦ୍ରବ। ବଣାଇଁ ମଦଭାଟି ନିକଟରେ ଥିବା ଗୋଦାମ ଘର ସହ ଷ୍ଟାଫ୍ କ୍ୱାର୍ଟରରୁ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବଣାଇଁ ମେଳା ପଡ଼ିଆ ନିକଟରେ ଅନୁପ କୁମାର ପାଡିଆଙ୍କ ହାର୍ଡୱେର ଦୋକାନ ରହିଛି। ତାଙ୍କ ଦୋକାନ ସହିତ ଅନ୍ୟାନ୍ୟ ବ୍ୟବସାୟରେ ନିୟୋଜିତ ଥିବା କର୍ମଚାରୀ ମାନଙ୍କ ପାଇଁ ବଣାଇ ଦେଶୀ ମଦଭାଟି ନିକଟରେ ଷ୍ଟାଫ୍ ମାନଙ୍କ ରହିବା ପାଇଁ ବାସଗୃହ ସହ ଗୋଦାମ ଘର କରିଛନ୍ତି। ଖରା ଛୁଟିରେ କର୍ମଚାରୀ ମାନେ ନିଜ ନିଜର ଘରକୁ ଯାଇଥିବାରୁ ଗୋଦାମ ସହ ବାସଗୃହରେ ତାଲା ପଡ଼ିଥିଲା। କିନ୍ତୁ ବୁଧବାର ରାତିରେ ଚୋରମାନେ ତାଲା ଭାଙ୍ଗି ଘର ଭିତରେ ଥିବା କୁଲର, ଟେବୁଲ୍ ଫେନ, ଇନଭର୍ଟର ମେସିନ, ବ୍ୟାଟରୀ, ଗ୍ୟାସ ସିଲିଣ୍ଡର, ଗ୍ୟାସ୍ ଚୁଲ୍ଲା ସହ ଅନ୍ୟାନ୍ୟ ଲକ୍ଷାଧିକ ଟଙ୍କାର ଘର ସାମଗ୍ରୀ ଚୋରି କରି ନେଇଯାଇଥିବା ଜଣାପଡ଼ିଛି। ଶୁକ୍ରବାର ସନ୍ଧ୍ୟାରେ କୌଣସି ଜିନିଷ ନେବାକୁ ଦୋକାନ ମାଲିକ ଗୋଦାମ ନିକଟକୁ ଆସିଥିବା ବେଳେ ଘର ତାଲା ଭାଙ୍ଗି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ପରେ ସେ ବଣାଇଁ ଥାନାକୁ ଆସି ଚୋରି ହୋଇଥିବା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିବା ବେଳେ ବଣାଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ସାମର୍ଥ୍ୟର ଉପଯୋଗ କରିବାକୁ ଖଣି ସାମୂହିକଙ୍କୁ ଆହ୍ୱାନ



**ରାଉରକେଲା, ୨୦।୬(ସମିସ):** ସେଲ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଖଣି ସାମୂହିକଙ୍କୁ ଉଚ୍ଚଲକ୍ଷ୍ୟ ରଖିବା ସହିତ ସାମର୍ଥ୍ୟର ପୂର୍ଣ୍ଣ ଉପଯୋଗ ପୂର୍ବକ ଇସ୍ପାତ କାରଖାନାକୁ ଚଳିତଆର୍ଥିକ ବର୍ଷରେ ଲକ୍ଷ୍ୟ ହାସଲରେ ସହାୟକ ହେବା ନିମନ୍ତେ ଆହ୍ୱାନ ଦେଇଛନ୍ତି। ବରସୁଆଁ ଆଇରନ୍ ମାଇନ୍ସ (ବିଆଇଏମ୍) ଉପତ୍ୟକା ପରିଦର୍ଶନ ଅବସରରେ ଡିଆଇସି ଜୁନ୍ ୧୯ ତାରିଖରେ ଟେନସା ହାଉସରେ ଆୟୋଜିତ ବିଭିନ୍ନ ମତବିନିମୟ ଅଧିବେଶନରେ ବହୁ ପଣଧାରୀଙ୍କ ସହ ଆଲୋଚନା କରିଥିଲେ। ସେ ସେଠାରେ ବିଭିନ୍ନ ଟ୍ରେଡ ୟୁନିଅନର ପ୍ରତିନିଧୀଙ୍କ ସହ ଆଲୋଚନା କରିଥିଲେ ଏବଂ ପରେ ପରେ ଆର୍‌ଏସ୍‌ପିର ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସର ବହୁ ଯୁବ ଅଧିକାରୀଙ୍କ ସହ ଏକ ଅଧିବେଶନରେ ଯୋଗ ଦେଇଥିଲେ। ଏହି ବୈଠକଗୁଡ଼ିକରେ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିଆଇଏମ, କେଆଇଏମ୍ ଏବଂ ତାଲଡିହି ମାଇନ୍ସ ବିଭାଗର ଜିଏମ୍ ଇନ୍‌ଚାର୍ଜ ତିଲକ ପଟ୍ଟନାୟକଙ୍କ ସମେତ ବିଆଇଏମ ଓ ତାଲଡିହି ଆଇରନ୍ ମାଇନ୍ସର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଡିଆଇସି ଭୌମିକ, ଉତ୍ପାଦନ ପରିମାଣକୁ ସର୍ବୋଚ୍ଚ କରିବା ସମେତ ପ୍ରତ୍ୟେକ କାର୍ଯ୍ୟଧାରାରେ ସୁରକ୍ଷା, ଗୁଣବତ୍ତା ଏବଂ ବ୍ୟୟ ନିପୁଣତା ହାସଲ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆହୁରି ମଧ୍ୟ ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପ, ଗୃହ ଏବଂ ସ୍ୱାସ୍ଥ୍ୟସୁବିଧା ବିଷୟରେ ଆଲୋଚନା କରିବା ସହିତ ଏହି ସମସ୍ତ କ୍ଷେତ୍ରରେ ସମସ୍ତ ସହଯୋଗ ନିମନ୍ତେ ପଣଧାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବରିଷ୍ଠ ଅଧିକାରୀଙ୍କ ସହ ଶ୍ରୀ ଭୌମିକ ମେନ୍ ରିସିଭର ସବ୍ ଷ୍ଟେସନ୍ (ଏମଆରଏସଏସ) ପ୍ରକଳ୍ପ ପରିଦର୍ଶନ କରି ସିଭିଲ ଏବଂ ବୈଦ୍ୟୁତିକ ପ୍ରକଳ୍ପ କାର୍ଯ୍ୟର ସ୍ଥିତିର ସମୀକ୍ଷା କରିଥିଲେ। ଏହି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ତାଙ୍କୁ ସମ୍ପୃକ୍ତ ଅଧିକାରୀମାନେ ବିସ୍ତୃତ ରୂପେ ଅବଗତ କରାଇଥିଲେ। ସୂଚନାଯୋଗ୍ୟ ଯେ ଖଣିଗୁଡିକର କାର୍ଯ୍ୟଧାରା ଓ ଖଣି ଅଞ୍ଚଳର ବିଭିନ୍ନ କଲ୍ୟାଣକାରୀ ପ୍ରୟାସର ସମୀକ୍ଷା ନିମନ୍ତେ ଡି ଆଇ ସି ଏହି ଖଣି ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ଗସ୍ତକାଳରେ ସେ ବରସୁଆଁ ଖଣି ଅଞ୍ଚଳରେ ଏକ ନୂତନ ଶିଶୁ ଉଦ୍ୟାନ ଏବଂ ସାମାଜିକ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ।

## ଆର୍‌ଏସ୍‌ପି କ୍ୱାର୍ଟରରେ ଅଗ୍ନିକାଣ୍ଡ

**ରାଉରକେଲା, ୨୦।୬(ସମିସ):** ବର୍ଷା ଝଡ଼ ପବନ ଯୋଗୁଁ ବିଦ୍ୟୁତ୍ କାଟ ହୋଇଥିଲା। ଏହା ସତ୍ତ୍ୱେ ଏକ ଘରେ ନିଆଁ ଲାଗିଯିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେକ୍ଟର -୨୦, ବି/୧୫୧ ଘରେ ଗୁରୁବାର ସନ୍ଧ୍ୟା ସାଢେ ୬ଟାରୁ ରାତି ୭ଟା ମଧ୍ୟରେ ଏହି ଘଟଣା ଘଟିଥିଲା। " ସୂଚନା ମୁତାବକ, ଉକ୍ତ ଘରେ ଆରଏସପି କର୍ମଚାରୀ ରୁହନ୍ତି। ଅପରାହ୍ନ ପ୍ରାୟ ୫ଟା ବେଳେ ଝଡ ତୋଫାନ ସହ ବର୍ଷା ହୋଇଥିଲା। ଫଳରେ ଉକ୍ତ ଅଞ୍ଚଳରେ ବିଦ୍ୟୁତ୍ କାଟ ହୋଇଥିଲା। ହଠାତ୍ ଷ୍ଟୋର ରୁମରୁ ଧୂଆଁ ବାହାରିଥିଲା। ପରିବାର ଲୋକେ ଯାଇ ଦେଖିବା ପରେ ନିଆଁ ଲାଗିଥିବା ଜାଣିପାରି ଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ବିଦ୍ୟୁତ୍ କାଟ ହୋଇଥିବା ବେଳେ ନିଆଁ କିପରି ଲାଗିଲା ତାହା ସ୍ପଷ୍ଟ ହୋଇପାରି ନାହିଁ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି। ଅପରପକ୍ଷେ ଏହି ଅଗ୍ନିକାଣ୍ଡରେ ଷ୍ଟୋର ରୁମରେ ଥିବା ବିଭିନ୍ନ ସାମଗ୍ରୀ ଜଳିପୋଡ଼ି ନଷ୍ଟ ହୋଇଥିବା ସୂଚନା ମିଳିଛି।

## 'ସେଲ୍'ଭାରତର ସର୍ବଶ୍ରେଷ୍ଠ ନିଯୁକ୍ତିଦାତା



**ରାଉରକେଲା, ୨୦।୬(ସମିସ):** ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ) ୨୦୨୪ ମସିହାର ରାଷ୍ଟ୍ର ନିର୍ମାଣକାରୀଙ୍କ ମଧ୍ୟରେ ଭାରତର ସର୍ବଶ୍ରେଷ୍ଠ ନିଯୁକ୍ତିଦାତା ଭାବେ ଭାରତର ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଇନଷ୍ଟିଚର୍ଶ୍ୟଟ୍ ଦ୍ୱାରା ମାନ୍ୟତା ଲାଭକରିଛି। ଏହି ସମ୍ମାନଜନକ ପୁରସ୍କାର ସେଲର ରାଷ୍ଟ୍ର ନିର୍ମାଣ ପ୍ରତି ଅଦମ୍ୟ ପ୍ରତିବଦ୍ଧତା ଏବଂ କମ୍ପାନୀ ଦ୍ୱାରା ଏକ ଉଚ୍ଚ ବିଶ୍ୱସନୀୟ କର୍ମକ୍ଷେତ୍ର ସଂସ୍କୃତି ସୃଷ୍ଟି ପାଇଁ ପ୍ରୟାସକୁ ସ୍ୱୀକୃତି ପ୍ରଦାନ କରୁଛି। ପୂର୍ବରୁ ୨୦୨୩ ଡିସେମ୍ବର ମାସରେ ସେଲ ଭାରତର 'ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ' ପ୍ରତିଷ୍ଠାନ ଦ୍ୱାରା ୨୦୨୩ ଡିସେମ୍ବରରୁ ୨୦୨୪ ଡିସେମ୍ବର ଅବଧି ପାଇଁ 'ଗ୍ରେଟ୍ ପ୍ଲେସ୍ ଟୁ ପ୍ରମାଣପତ୍ର ଅର୍ଜନ କରିଥିଲା। ସ୍ୱାଧୀନତାର ଠିକ ପରବର୍ତ୍ତୀ ସମୟରେ ଉଦୀୟମାନ ରାଷ୍ଟ୍ରର ନିର୍ମାଣରେ ରାଷ୍ଟ୍ରାୟତ ଉଦ୍‌ଯୋଗ ମଧ୍ୟରେ ସେଲ୍‌ଫ ଅଧୀନସ୍ଥ ଇସ୍ପାତ କାରଖାନାଗୁଡିକ ରାଷ୍ଟ୍ର ନିର୍ମାତା ଭାବେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଆତ୍ମନିର୍ଭରଶୀଳତାକୁ ନଜରରେ ରଖି ଏକ ବିରାଟ ପୁଞ୍ଜି ନିବେଶ ସହିତ ଦେଶର ଦ୍ରୁତ ଶିଳ୍ପାୟନ ପାଇଁ ୫୦ ରୁ ୬୦ ବର୍ଷ ପୂର୍ବେ ଭିତ୍ତିଭୂମି ସ୍ଥାପନ କରି ଇସ୍ପାତ କାରଖାନା ପ୍ରତିଷ୍ଠା କରାଯାଇଥିଲା। ପରେ ସେଲ, ଭାରତରେ ଇସ୍ପାତ କ୍ଷେତ୍ର କ୍ରମାଗତ ଭାବେ ବୃଦ୍ଧିପାଇ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଇସ୍ପାତ ଉତ୍ପାଦନକାରୀ ଦେଶ ଭାବେ ସ୍ଥାନ ପାଇଛି। ଭାରତର ରାଷ୍ଟ୍ର ନିର୍ମାଣ ଅଭିବୃଦ୍ଧି କ୍ଷେତ୍ରରେ ସେଲ ସର୍ବୋତ୍ତମ ସ୍ଥାନ ହାସଲ କରି ଗୌରବ ଅର୍ଜନ କରିଛି। ଭାରତର ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ପ୍ରତିଷ୍ଠାନ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରୁଛି ଯାହା ଏକ ନିରପେକ୍ଷ ମୂଲ୍ୟାଙ୍କନ ମାଧ୍ୟମରେ ସଂଗଠନକୁ ସମ୍ମାନ ଆଣି ଦେଉଛି। ମୁମ୍ବାଇରେ ଅନୁଷ୍ଠିତ ଏକ ପୁରସ୍କାର ବିତରଣ ଉତ୍ସବରେ ସେଲ ତରଫରୁ ଜୁନ୍ ୧୯ ତାରିଖ ଦିନ କାର୍ମିକ ବିଭାଗର ନିର୍ଦ୍ଦେଶକ ଶ୍ରୀ କେକେ ସିଂ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ସଫଳତାରେ ଖୁସିବ୍ୟକ୍ତ କରି ସେଲ ଅଧ୍ୟକ୍ଷ ଶ୍ରୀ ଅମରେନ୍ଦୁ ପ୍ରକାଶ କହିଛନ୍ତି ଯେ, 'ଭାରତର ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ପ୍ରତିଷ୍ଠାନ ଠାରୁ ଏହି ମାନ୍ୟତା ପାଇଁ ଆମେ ବହୁତ ଖୁସି ଏବଂ ଗର୍ବିତ। ଏହି ପୁରସ୍କାର ସେଲ ସାମୂହିକଙ୍କ ବର୍ଷ ତମାମର କଠିନ ପରିଶ୍ରମ ଏବଂ ଉତ୍ସର୍ଗୀକୃତତାର ପ୍ରମାଣ। ଏହି ସ୍ୱୀକୃତି ଆମକୁ ଆହୁରି ଉତ୍ତମ ପ୍ରଦର୍ଶନ ପାଇଁ ଆଇବିଶ୍ୱାସ ଦେବ।

### ବିପଦକୁ ଡାକୁଛି ମୁକୁଳା ଡ୍ରେନ୍

## ଅଳ୍ପକେ ବର୍ତ୍ତିଲେ କାର୍ ଆରୋହୀ



**ବଣାଇଁ, ୨୦।୬(ସମିସ):** ବଣାଇଁ ମୁଖ୍ୟ ରାସ୍ତା ନିକଟରୁ ମହାବିଦ୍ୟାଳୟକୁ ଯିବା ରାସ୍ତାରେ ଦୀର୍ଘ ଦିନରୁ ଡ୍ରେନ୍ ନିର୍ମାଣ ହୋଇଥିଲେ ମଧ୍ୟ ଢାଙ୍କୁଣି ନ ଥିବାରୁ ଅନେକ ସମୟରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହଶହ ଛାତ୍ର ଛାତ୍ରୀ ଯିବା ଆସିବା କରୁଥିବା ବେଳେ କେତେବେଳେ ଯେ ଦୁର୍ଘଟଣାର ସମ୍ମୁଖୀନ ନ ହେବେ କହି ହେଉନାହିଁ। ଆଜି ଅପରାହ୍ନରେ ମଧ୍ୟ ଏକ କାର୍‌ରେ ତିନି ଜଣ ଯୁବକ ସେହି ରାସ୍ତାଦେଇ ଯାଉଥିବାବେଳେ ଗାଡ଼ିଟି ସେହି ମୁକୁଳାଡ୍ରେନ୍‌ରେ ପଡ଼ିଯାଇଥିଲା। ଭାଗ୍ୟବଶତଃ ଗାଡ଼ିଟି ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିବାବେଳେ ଯାତ୍ରୀମାନେ ଏକ ନିଶ୍ଚିତ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଛନ୍ତି। ବଣାଇଁ ସହରରେ ଅନେକ ସ୍ଥାନରେ ଏଭଳି ମୁକୁଳା ଡ୍ରେନ୍ ରହିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଯାହାଫଳରେ ଜନସାଧାରଣ ଓ ଗୃହ ପାଳିତ ଗୋରୁଗାଇ ମୁକୁଳା ଡ୍ରେନ୍‌ରେ ପଡ଼ିବିପଦର ସମ୍ମୁଖୀନ ହେଉଛନ୍ତି। ତେଣୁ ବର୍ଷାଦିନ ପୂର୍ବରୁ ଡ୍ରେନଗୁଡ଼ିକ ସଫାକରି ତା'ଉପରେ ଢାଙ୍କୁଣି ଦେବାର ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଛନ୍ତି।

### ଦର୍ଜିଂ ଟୋଲ୍ ପ୍ଲାଜାକୁ ନେଇ ବଣାଇଁରେ ଅସନ୍ତୋଷ

# ସ୍ଥାନୀୟ ଅଞ୍ଚଳର ଘରୋଇ ଗାଡ଼ିର ଟୋଲ୍ ଫି' ଛାଡ଼ ଦାବି

ବଣାଇଁ, ୨୦।୬( ସମିସ)



ଗତ ବର୍ଷ ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ବ୍ଲକ ଦର୍ଜିଂଠାରେ ବାରକୋଟ ବିରମିତ୍ରପୁର ୧୪୩ ଜାତୀୟ ରାଜପଥରେ କେନ୍ଦ୍ର ଏନ୍‌ଏଚ୍‌ଏଆଇ ପକ୍ଷରୁ ଗାଡ଼ିମୋଟର ଠାରୁ ଟୋଲଟ୍ୟାକ୍ସ ସଂଗ୍ରହ କରାଯାଉଛି। ଟୋଲ ଟ୍ୟାକ୍ସ ସଂଗ୍ରହ ଦିନ ଠାରୁ ବଣାଇଁ ମୋଟର ସଂଘ ଏବଂ ରାଉରକେଲା ଟ୍ରକ୍ ଟିପର ମାଲିକ ସଂଘ ପକ୍ଷରୁ ଟ୍ୟାକ୍ସ ଫି କମ୍ କରିବା ପାଇଁ ବାରମ୍ବାର ବୈଠକ କରି ଜିଲ୍ଲା ପ୍ରଶାସନଠାରେ ଦାବି ଜଣାଇଛନ୍ତି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପ୍ରକାରର ସୁଫଳ ମିଳିନାହିଁ। ଅନେକ ସମୟରେ ଟୋଲ୍ ଫି'କୁ ନେଇ ଧାରଣା ଦିଆଯିବା ସହିତ ସ୍ଥାନୀୟ ପ୍ରଶାସନ, ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଓ ସ୍ଥାନୀୟ ଗାଡ଼ିମାଲିକ ସଂଘ ପକ୍ଷରୁ ଅନେକ ଥର ବୈଠକ ବସି ଏହାର ସ୍ଥାୟୀ ସମାଧାନ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଯାହାଫଳରେ ବଣାଇଁ ଅଞ୍ଚଳର ସ୍ଥାନୀୟ ଲୋକେ ଶୋଷଣର ଶିକାର ହେଉଛନ୍ତି। ପ୍ରତ୍ୟେକ ଦିନ ବିଭିନ୍ନ ବ୍ୟବସାୟିକ କାର୍ଯ୍ୟ ଠାରୁ ନେଇ ପାଠପଢ଼ା ଏବଂ ଚିକିତ୍ସା ନିମନ୍ତେ ବଣାଇ ଅଞ୍ଚଳର ଜନସାଧାରଣ ରାଉରକେଲା ଉପରେ ନିର୍ଭର କରୁଥିବାବେଳେ ଶହ ଶହ ଲୋକ ପ୍ରତ୍ୟେକ ଦିନ ଯିବା ଆସିବା କରୁଛନ୍ତି। ଟୋଲ୍ ଗେଟ୍‌ର ୨୦ କିମି ପରିସୀମା ମଧ୍ୟରେ ଥିବା ଜନସାଧାରଣ ନିଜର ଘରୋଇ ଯାନରେ ଯିବା ଆସିବା କରିବାକୁ ସମ୍ପୂର୍ଣ୍ଣ ମାଗଣା ବ୍ୟବସ୍ଥା ରହିଥିଲେ ମଧ୍ୟ କର୍ତ୍ତୃପକ୍ଷ ଏହାକୁ ଗ୍ରହଣ କରୁନାହାନ୍ତି। ଯାହା ଦ୍ୱାରା ସ୍ଥାନୀୟ ଲୋକେ ଦୈନିକ ଘରୋଇ ଯାନରେ ଯିବା ଆସିବା କରିବାରେ ଅଯଥାରେ ୩୧୦ ଟଙ୍କା ଟୋଲ୍ ଫି ଦେବାକୁ ବାଧ ହେଉଛନ୍ତି। ସେହିପରି ଭାବେ ସ୍ଥାନୀୟ ଯୁବକମାନେ ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ଖଣିଜ ପଦାର୍ଥ ପରିବହନ କରିବାକୁ ଖଣ୍ଡେ ଖଣ୍ଡେ ଗାଡି କରି ନିଜର ପରିବାର ପ୍ରତିପୋଷଣ କରୁଥିବା ବେଳେ ବ୍ୟବସାୟୀକ ଯାନରେ ଦୈନିକ ଆଦାୟ କରାଯାଉଥିବା ଟୋଲ୍ ଫି' ବେଢ଼ି ଉପରେ କୋରଡ଼ା ମାଡ଼ ସଦୃଶ ହେଉଛି। ବଡ଼ଗାଡି ଥରେ ଯିବା ଆସିବା କରିବା ପାଇଁ ୭୧୦ ରୁ ୧୦୨୦ ଟଙ୍କା ଦେବାକୁ ପଡୁଛି। ଯାହାକୁ ନେଇ ବଣାଇଁ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧିପାଉଥିବା ଦେଖିବାକୁ ମିଳିଛି। କାଁଭାଁ କେତେକ ନିର୍ଦ୍ଦିଷ୍ଟ ଘରୋଇ ଯାନକୁ ତଞ୍ଚକତା କରି ସ୍ଥାନୀୟ ପ୍ରଶାସନ ପାସ୍‌ର ବ୍ୟବସ୍ଥା କରାଇଥିବା ଅଭିଯୋଗ ହେଉଛି। ଲୋକ କହିବା ଅନୁଯାୟୀ ଯଦି ପଡ଼ୋଶୀ ଦେବଗଡ଼ ଜିଲ୍ଲାର ବଡ଼କୁଦରଠାରେ ଥିବା ଟୋଲ୍ ଗେଟ୍‌ରେ ସ୍ଥାନୀୟ ଗାଡି ଗୁଡ଼ିକୁ ଟୋଲ୍ ଛାଡ଼ କରାଯାଇପାରୁଛି ତେବେ ବଣାଇଁ ଦର୍ଜି ରେ କାହିଁକି ଛାଡ଼ କରାଯାଇପାରିବ ନାହିଁ ? ଯଦି ଏହି ଘଟଣା ଉପରେ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ କୌଣସି ଠୋସ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ଟୋଲ୍ ଗେଟ ନିକଟରେ ଧାରଣାରେ ବସିବା ସହିତ ଏହି ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ମତ ବ୍ୟକ୍ତ କରିଛନ୍ତି ସ୍ଥାନୀୟ ଲୋକେ। ତେଣୁ ସ୍ଥାନୀୟ ବିଧାୟକ ଏବଂ ସାଂସଦ ବିଶେଷ ଦୃଷ୍ଟି ଦେଇ ଏ ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି।

# ବିଶ୍ୱ ରକ୍ତ ଶିକୁଳି ଦିବସ ପାଳିତ



**ବଣାଇଁ, ୨୦।୬(ସମିସ):** ସାରା ବିଶ୍ୱରେ ପାଳିତ ହୋଇଯାଇଛି ବିଶ୍ୱ ରକ୍ତ ଶିକୁଳି ଦିବସ। ଏହି ଅବସରରେ ବଣାଇଗଡ଼ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ୍ ଏବଂ ଜାତୀୟ ସମର ଶିକ୍ଷାର୍ଥୀ ଆନୁକୂଲ୍ୟରେ ମହାବିଦ୍ୟାଳୟ ସଭାଗୃହରେ ବିଶ୍ୱ ରକ୍ତଶିକୁଳି ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଜେନାମଣି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତ ଶିକୁଳି ରୋଗରକାରଣ ଓ ନିରାକରଣ ଉପରେ ବିସ୍ତୃତ ଭାବେ ଆଲୋଚନା କରିବା ସହିତ ବଣାଇଁ ଉପଖଣ୍ଡରେ ରକ୍ତଶିକୁଳି ରୋଗର ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥି ନିମନ୍ତେ ପ୍ରବଳ ମାତ୍ରାରେ ଜନସଚେତନତା ସୃଷ୍ଟି କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ବିବାହ ପୂର୍ବରୁ ଉଭୟ ବର କନ୍ୟାଙ୍କର ରକ୍ତ ପରୀକ୍ଷା କରେଇବା, ରକ୍ତ ଶିକୁଳି ରୋଗୀ ଗର୍ଭବତୀ ହୋଇଥିଲେ ନିୟମିତ ଡାକ୍ତରଙ୍କ ପରାମର୍ଶ ନେବା, ପ୍ରତ୍ୟେକ ପରିବାରରେ ନିଜେ ନିଜେହିଁ ଏହି ରୋଗ ପ୍ରତି ସଚେତନ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ଏହି ରୋଗର ଭୟାବହତା ସମ୍ପର୍କରେ ଜଣାଇବା ନେଇ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ମୃତ୍ୟୁଞ୍ଜୟ ବ୍ରହ୍ମ ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନର ନୂତନ ଏମ୍ଏସ୍ପି ମୂଲ୍ୟକୁ ନେଇ ଚାଷୀ ଅସନ୍ତୋଷ

**ସୁନ୍ଦରଗଡ଼, ୨୦।୬(ସମିସ)**

ଆଗାମୀ ଖରିଫ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ ନେଇ ଏଠାରେ ଚାଷୀ ଅସନ୍ତୋଷ ଦେଖାଦେଇଛି। କେନ୍ଦ୍ରସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ୱିଣ୍ଟାଲ ପିଛା ମାତ୍ର ୧୧୭ ଟଙ୍କା ବୃଦ୍ଧି କରିଛନ୍ତି। ଫଳରେ ଧାନମୂଲ୍ୟ ୨୧୮୩ ଟଙ୍କାରୁ ମାତ୍ର ୨୩୦୦ ଟଙ୍କାକୁ ବୃଦ୍ଧି ପାଇଛି। ଗ୍ରେଡ୍ ଏ ଧାନରେ ମୂଲ୍ୟ ମାତ୍ର ୨୩୨୦ ଟଙ୍କା ହୋଇଛି। ଗତ ସାଧାରଣ ନିର୍ବାଚନରେ ବିଜେପିରେ ନିର୍ବାଚନୀ ଇସ୍ତାହାର ତଥା ମୋଦି ଗ୍ୟାରେଂଟିରେ ଓଡ଼ିଶାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା କରିବାକୁ ଘୋଷଣା କରାଯାଇଥିଲା। କୃଷି ପ୍ରାଧାନ୍ୟ ଓଡ଼ିଶାରେ ଉକ୍ତ ଘୋଷଣାନାମା ବିଜେପିକୁ ଆଶାତୀତ ସଫଳତା ଆଣି ଦେଇଥିଲା। ରାଜ୍ୟର ନୂତନ ବିଜେପି ସରକାର ପ୍ରଥମ କ୍ୟାବିନେଟ ବୈଠକରେ ଉକ୍ତ ନିର୍ବାଚନୀ ଇସ୍ତାହାର ୧୦୦ ଦିନ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଥିବାବେଳେ କେନ୍ଦ୍ର ସରକାରଙ୍କ ଏପରି ନୂତନ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ଫଳରେ ଚାଷୀକୁଳ ହତାଶ ହୋଇ ପଡ଼ିଛନ୍ତି। ଲୋକେ ମୋଦି ଗ୍ୟାରେଂଟି କୁଆଡେ ଗଲା ବୋଲି ପ୍ରଶ୍ନ ଉଠାଉଛନ୍ତି। ବିଜେପି ସମର୍ଥକମାନେ ଓଡ଼ିଶା ସରାକାର କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ବୋନସ ପ୍ରଦାନ କରି ଏହାକୁ ଭରଣା କରିବେ ବୋଲି ଚାଷୀଙ୍କୁ ଆଶ୍ୱସନା ଦେଉଥିଲେ ହେଁ ସେମାନେ ତାଙ୍କ କଥାକୁ ବିଶ୍ୱାସକୁ ନେଉ ନାହାନ୍ତି। ଏ ସ୍ଥିତିରେ ଚାଷୀ ଅସନ୍ତୋଷ ତେଜିବାରେ ଲାଗିଛି। ଓଡ଼ିଶା ସରକାର ଚାଷୀଙ୍କୁ କ୍ୱିଂଟାଲ ପିଛା ୮୦୦ ଟଙ୍କା ପ୍ରଦାନ କରିବାକୁ ଦାବି ହେଉଛି।



## ଯଶୋଦାଙ୍କୁ ଭତ୍ତା ପାଇଁ ଉପଜିଲ୍ଲାପାଳ ଓ ବିଡିଓଙ୍କୁ ନିର୍ଦ୍ଦେଶ

'ସକାଳ' ପ୍ରଭାବ

**ବଣାଇଁ, ୨୦।୬(ସମିସ):** ବଣାଇଁ ବ୍ଲକ କେନାଭେଟା ପଞ୍ଚାୟତ ଅଧୀନ ଇନ୍ଦ୍ରପୁର ଗ୍ରାମର ଦିବ୍ୟାଙ୍ଗ ଯଶୋଦା କିସାନ ଦୀର୍ଘ ତିନି ବର୍ଷ ହେବ ଦିବ୍ୟାଙ୍ଗ ସାର୍ଟିଫିକେଟ ପାଇଥିଲେ ମଧ୍ୟ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ଏନେଇ ଗୁରୁବାର 'ସକାଳ'ରେ ବିସ୍ତୃତ ଖବର ପ୍ରକାଶ ପାଇଥିଲା। ଏହାପରେ ବଣାଇଁ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଡ. ଇସାରୁଦିନ ନବୀ ତୁରନ୍ତ ଏହା ଉପରେ ପଦକ୍ଷେପ ନେବାକୁ ବଣାଇଁ ଉପଜିଲ୍ଲାପାଳ ଏବଂ ବଣାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତା' ସହିତ ଭତ୍ତା ପାଇବା ପାଇଁ ଆଗାମୀ ଦିନରେ କ'ଣ କ'ଣ ପଦକ୍ଷେପ ନିଆଯାଉଛି ସେ ବିଷୟରେ ତାଙ୍କ କାର୍ଯ୍ୟାଳୟକୁ ଅବଗତ କରିବା ପାଇଁ ନିର୍ଦ୍ଦେଶ ରହିଥିବା ଜଣାପଡ଼ିଛି। ଆଗକୁ ପ୍ରଶାସନ ଦିବ୍ୟାଙ୍ଗ ଯଶୋଦାକୁ କେତେ ଶୀଘ୍ର ସହାୟତା ପ୍ରଦାନ କରିବ ତାହା ଦେଖିବାକୁ ବାକି ରହିଛି।

## ଫାଶୀ ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ସୁନ୍ଦରଗଡ଼, ୨୦।୬(ସମିସ):** ଗୁରୁବାର ଅପରାହ୍ନରେ ହେମଗିରି ଥାନା ଅଧୀନ ଖୁଣ୍ଟପାଣି ଗ୍ରାମର ଜଣେ ଯୁବକ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଗ୍ରାମର ପ୍ୟାରିଲାଲ ପ୍ରଧାନ ଓ ତାଙ୍କ ପୁଅ ଜଗତରାମ ପ୍ରଧାନ ଏକା ସାଥିରେ ଆଜି ମଧ୍ୟାହ୍ନଭୋଜନ କରିଥିଲେ। ଏହା ପରେ ବିଶ୍ରାମ ନେଇଥିଲେ। ଅପରାହ୍ନରେ ପୁଅ ଜଗତ ରାମ ତାଙ୍କ ଶୋଇବା ଘରେ ବେକରେ ଫାଶି ଦେଇ ଝୁଲୁଥିବା ପ୍ୟାରିଲାଲ ଦେଖିବାକୁ ପାଇଥିଲେ। କାଳେ ବଞ୍ଚିଥିବ ଭାବି ପରିବାର ଲୋକେ ତାଙ୍କୁ ଓହ୍ଲାଇ ଥିଲେ ହେଁ ତାଙ୍କ ମୃତ୍ୟୁ ଘଟି ସାରିଥିଲା। ଅଭିଯୋଗ ପାଇ ପୁଲିସ ମୃତକଙ୍କ ଶବ ଜବତ କରି ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମର୍ଗ ହାଉସରେ ସଂରକ୍ଷିତ ରଖିଛି। ଶୁକ୍ରବାର ଶବ ବ୍ୟବଚ୍ଛେଦ ହେବ ବୋଲି ପୁଲିସ କହିଛି।

## ହେମଗିରିରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ

**ହେମଗିରି, ୨୦।୬(ସମିସ):** ହେମଗିରି ବ୍ଲକ ର ଦୁଇଟି ସେକ୍ସନର ଗ୍ରାମ ଗୁଡିକରେ ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ଲୋକେ ଅତିଷ୍ଠ ହେଲେଣି। ଅଛରାଏ ବର୍ଷାହେଲେ ବିଦ୍ୟୁତ ବିଚ୍ଛିନ୍ନ ହୋଇଯାଉଛି। ସରକାରୀ ଥିବା ବେଳେ ଯାହା ଅବସ୍ଥା ଥିଲା ଏବେ ଘରୋଇ କମ୍ପାନୀ ଚଲାଉ ଥିଲେ ମଧ ପରିସ୍ଥିତି ସାମାନ ରହୁଛି। ବିଦ୍ୟୁତ୍ ବିଲ ବାକି ଥିଲେ ଲାଇନ୍ କାଟିବାକୁ ଯେମିତି ତତ୍ପର ଦେଖାନ୍ତି, ସେହିପରି ବିଦ୍ୟୁତ ବିଛିନ୍ନ ହେଲେ ସୁଧାରିବାରେ ତତ୍ପରତା ଦେଖାଉ ନ ଥିବାର ଦେଖିବାକୁ ମିଳୁଛି। ଯଦି ଏପରି ପରିସ୍ଥିତି ରହେ ଅସନ୍ତୋଷ ଜନତା ତଥା ହିତାଧିକାରୀଙ୍କ ଆକ୍ରୋଶର ଶିକାର ହେବାର ସମ୍ଭାବନା ରହିଛି।

## ରେଳଷ୍ଟେସନରେ ଡିସ୍ପ୍ଲେ ବୋର୍ଡ ଅଚଳ; ଯାତ୍ରୀ ହନ୍ତସନ୍ତ

**ରାଉରକେଲା, ୨୦।୬ (ସମିସ):** ରାଉରକେଲା ରେଳଷ୍ଟେସନ ପରିସରରେ ଆଜି ଅପରାହ୍ନ ୩ ଟାରେ ଦୁରଙ୍ଗ ସାଉଥ ବିହାର ଛପ୍ରା ଏକ୍ସପ୍ରେସ ଟ୍ରେନ ଆସିବା ପୂର୍ବରୁ ରେଲୱେ ସୂଚନା ପକ୍ଷରୁ ମାଇକ ଯୋଗେ ସୂଚନା ପ୍ରଦାନ କରାଯାଇଥିଲା ଯେ, ଏହି ଟ୍ରେନ ୪ ନଂ ପ୍ଲାଟଫର୍ମରେ ଆସୁଛି। ଏହି ଟ୍ରେନର ଏସି କୋଚ୍ ପଛପଟେ ରହିଛି। କିନ୍ତୁ ରେଳଷ୍ଟେସନରେ ଲାଗିଥିବା ଡିସପ୍ଲେ ବୋର୍ଡ ଅଚଳ ଥିବା ଯୋଗୁଁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଶେଷ କରି ମହିଳା ତଥା ବରିଷ୍ଠ ନାଗରିକ ଟ୍ରେନ ଆସିବା ପରେ ଦୌଡ଼ି ଦୌଡ଼ି ଟ୍ରେନ ଧରିଥିଲେ। ଡିସପ୍ଲେ ବୋର୍ଡରେ ବଗି ନମ୍ବର ଲେଖା ହୋଇନଥିବା ଯୋଗୁଁ ଏସି କୋଚ୍ ସମେତ ସ୍ଲିପର କୋଚରେ ଯାତ୍ରା କରିବାକୁ ଯାଉଥିବା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅନେକ ରେଳ ଯାତ୍ରୀମାନେ ଟିଟିଙ୍କୁ ପଚାରି ବୁଝିବା ସହ ଆରପିଏଫର ଯବାନମାନଙ୍କୁ ସ୍ଲିପର କୋଚ୍ କେଉଁଠି ଲାଗିବ ବୋଲି ପଚାରି ବୁଝିଥିଲେ।

# ରକ୍ତ ଶିକୁଳି ଓ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ପ୍ରତିଯୋଗିତା

**ସୁନ୍ଦରଗଡ଼, ୨୦।୬(ସମିସ):** ବିଶ୍ୱ ରକ୍ତ ଶିକୁଳି ଦିବସ ଏବଂ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଏହା ଆୟୋଜିତ ହୋଇଛି।

ଏହି ଅବସରରେ ଆୟୋଜିତ ରକ୍ତ ହୀନତା ନିରାକରଣ ସଚେତନତା ଅଭିଯାନର ଉଦ୍‌ଘାଟନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିରେନ୍ଦ୍ର କୁମାର ପଟେଲ ସଭାପତିତ୍ୱ କରି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ୍, ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ସେହିପରି ଆସନ୍ତାକାଲି ହେବାକୁ ଥିବା ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ସ୍ଲୋଗାନ ଓ ପ୍ରବନ୍ଧ ପ୍ରତିଯୋଗିତା କରା ଯାଇଥିଲା। ଆଧୁନିକ ଜୀବନ ଶୈଳୀରେ ଯୋଗର ଭୂମିକା ସମ୍ପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ଉପସ୍ଥିତ ଅଧ୍ୟାପକ ଅଧ୍ୟାପିକା ମାନେ ସୂଚନା ପ୍ରଦାନ କରିଥିଲେ।

ଗଣିତ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଆଲୋକ କୁମାର ନାଏକ ଉପସ୍ଥିତ ଥିବା ବେଳେ ସହକାରୀ ପ୍ରଫେସର ଅଜିତ କୁମାର ସାହୁ, ସହକାରୀ ପ୍ରଫେସର ଏଞ୍ଜେଲିନା କିଣ୍ଡୋ ଏବଂ ସହକାରୀ ପ୍ରଫେସର ନୂତନ ଖମାରୀ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।



## ପୂର୍ବତନ କାଉନ୍ସିଲରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ସୁନ୍ଦରଗଡ଼, ୨୦।୬(ସମିସ):** ସ୍ଥାନୀୟ ଟାଉନ ଥାନା ପୁଲିସ ଗୁରୁବାର ସକାଳେ ସୁନ୍ଦରଗଡ଼ ପୌର ପରିଷଦର ଜଣେ ପୂର୍ବତନ କାଉନସିଲରଙ୍କ ଘରୁ ତାଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର କରିଛି। ତାଙ୍କ ନାମ ଉପେନ୍ଦ୍ର ଦଳବେହେରା (୭୪) ଓ ଘର ସୁନ୍ଦରଗଡ଼ ପତ୍ରାପଡ଼ାରେ। ଉପେନ୍ଦ୍ରଙ୍କ ପତ୍ନୀ ସମେତ ୨ ପୁଅ, ବୋହୂ ଅଛନ୍ତି। ତାଙ୍କ ପତ୍ନୀ କୌଣସି କାମରେ ବାହାରକୁ ଚାଲି ଯାଇଛନ୍ତି। ଉପେନ୍ଦ୍ର ଆଜି ସକାଳୁ ଶୋଇବା ଘରୁ ବାହାରି ନ ଥିଲେ। ତାଙ୍କ ବୋହୂ ଶୋଇବା ଘରକୁ ଯାଇ ଦେଖିବାରେ ବେକରେ ରଶି ଲାଗିଥିବା ଅବସ୍ଥାରେ ସିଂଲିଂ ଫ୍ୟାନରେ ମୃତଦେହ ଝୁଲୁଥିବା ଦେଖିବାକୁ ପାଇ ଥିଲେ। ଏ ନେଇ ପରିବାର ଲୋକେ ଥାନାରେ ଜଣାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପ୍ରାଥମିକ ତଦନ୍ତରୁ ଆତ୍ମହତ୍ୟା ସନ୍ଦେହ ହେବାରୁ ପୁଲିସ ଅପମୃତ୍ୟୁ ମାଲା ରୁଜୁ କରି ମୃତଦେହ ଜବତ କରିଛି। ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରା ଯାଇଥିବାବେଳେ ଶୋକାକୁଳ ପରିବେଶରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ସୁନ୍ଦରଗଡ଼ର ରାଜମାତା ପଦ୍ମିନୀ ଶେଖରଦେଓଙ୍କ ସୁନ୍ଦରଗଡ଼ ପୌରାଧ୍ୟକ୍ଷା ଦାୟିତ୍ୱ କାଳରେ ଉପେନ୍ଦ୍ର ୧୯୯୧ରୁ ୧୯୯୬ ଯାଏ ୭ ନମ୍ବର ଓାର୍ଡ କାଉନସିଲର ରହିଥିଲେ।

## ଅନ୍ତର୍ଜାତୀୟ ଯୋଗ ଦିବସ ନେଇ ପ୍ରଶାସନିକ ପ୍ରସ୍ତୁତି

**ସୁନ୍ଦରଗଡ଼, ୨୦।୬(ସମିସ):** ଜୁନ୍ ମାସ ୨୧ ତାରିଖ ହେଉଛି ଅନ୍ତର୍ଜାତୀୟ ଯୋଗ ଦିବସ। ଏଣୁ ଦେଶ ବ୍ୟାପି ଏହି ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହେବ।

ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ଜିଲ୍ଲାରେ ଯୋଗ ଦିବସକୁ ବ୍ୟାପକ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜିଲ୍ଲା ସଦର ମହକୁମାର ଭବାନୀଭବନ ଖେଳପଡ଼ିଆ ଠାରେ ଜିଲ୍ଲାସ୍ତରୀୟ ଯୋଗ ଦିବସର ଆୟୋଜନ କରାଯାଇଛି। ଏଥିରେ ପ୍ରାୟ ୫୦୦ ଲୋକ ଯୋଗ ଦେବାର ଯୋଜନା ରହିଛି। ସେହିପରି ରାଉରକେଲା ମହାନଗର ନିଗମର ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍ ଓ ବେଦବ୍ୟାସରେ ଏହା ଅନୁଷ୍ଠିତ ହେବାକୁ ଥିବାବେଳେ ଜିଲ୍ଲାର ସମସ୍ତ ୧୭ଟି ବ୍ଲକ ମୁଖ୍ୟାଳୟ ଏବଂ ସମସ୍ତ ପୌରପାଳିକା ଅଞ୍ଚଳରେ ଏହି ଯୋଗ ଦିବସ ପାଳନ କରାଯିବ। ଏହି ଅବସରରେ ଯୋଗ ଶିବିର ଆୟୋଜିତ ହେବ। ଏହାବ୍ୟତୀତ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକରେ ମଧ୍ୟ ଏହି ଦିବସ ପାଳନ କରାଯିବ ବୋଲି ଜଣାପଡ଼ିଛି। ଏଥିପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଜୋରଦାର କରାଯାଇଛି।

# ଅଘରିଆ ସମାଜର ସଦର ମଣ୍ଡଳ କମିଟି ପୁନର୍ଗଠିତ



**ସୁନ୍ଦରଗଡ଼, ୨୦।୬(ସମିସ):** ଅଖିଳ ଭାରତୀୟ ଅଘରିଆ ସମାଜର ସୁନ୍ଦରଗଡ଼ ସଦର ମଣ୍ଡଳ କମିଟି ପୁନର୍ଗଠିତ ହୋଇଛି। ଗୁରୁବାର ପୂର୍ବାହ୍ନରେ କୁଣ୍ଡୁକେଲା ଜଗନ୍ନାଥ ମନ୍ଦିର ପରିସରରେ ପ୍ରଦୀପ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ସଭାପତି ଭାବରେ ପ୍ରଦୀପ କୁମାର ନାଏକ ସଭାପତି, ପ୍ରଦୀପ କୁମାର ଚୌଧୁରୀ, ଭିକାରୀଚରଣ ଚୌଧୁରୀ ସମ୍ପାଦକ ଓ ଜଗତ୍ ବନ୍ଧୁ ପଟେଲ ସହ ସମ୍ପାଦକ ରହିଛନ୍ତି। ସେହିପରି ପଦ୍ମନ ନାଏକ, ସନତ୍ କୁମାର ପଟେଲ, ଯୁବ ପ୍ରତିନିଧି ଭୁଜମତୀ ପଟେଲ, ମହିଳା ପ୍ରତିନିଧି ତଥା ଶ୍ରୀକାନ୍ତ ପଟେଲ ଓ ମହେନ୍ଦ୍ର ପଟେଲ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି। ନୂତନ କର୍ମକର୍ତ୍ତାମାନେ ସମାଜକୁ ସବୁ କ୍ଷେତ୍ରରେ ଆଗେଇ ନେବା ପାଇଁ ନିଷ୍ଠାର ସହିତ ଉଦ୍ୟମ କରିବାକୁ ପ୍ରତିଶ୍ରୁତ ଦେଇଛନ୍ତି। ଏହି ଅବସରରେ ସଦର ମଣ୍ଡଳ ଅଧୀନସ୍ଥ ସମସ୍ତଗୁଡି ସଭାପତି ଓ ଆଞ୍ଚଳିକ କମିଟି ସମ୍ପାଦକ ସମାଜର ସର୍ବବିଧ ଉନ୍ନତି ଦିଗରେ ନିଜ ବକ୍ତବ୍ୟ ରିଖିଥିଲେ। ମଣ୍ଡଳ ସମ୍ପାଦକ ଭିକାରୀ ଚରଣ ଚୌଧୁରୀ ସଭା ପରିଚାଳନା କରିଥିବା ବେଳେ ଗାଙ୍ଗପୁର ଅଂଚଳିକ କମିଟୀ ଉପ ସଭାନେତ୍ରୀ ଆରତୀ ପଟେଲ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର ପଟେଲ, ବେଣୁଧର ଚୌଧୁରୀ, ଛତ୍ର କୁମାର ପଟେଲ, ଦିବ୍ୟ ଶଙ୍କର ପଟେଲ, ଦିଲ୍ଲୀପ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀଙ୍କୁ ଠକେଇ
# ୧୦ଟି ଗ୍ରୁପରୁ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗ

**ବାଲିଶଙ୍କରା, ୨୦।୬(ସମିସ)**

ଆଦିବାସୀ ଅଧ୍ୟୁଷିତ ବାଲିଶଙ୍କରା ବ୍ଲକଟି ସୁନ୍ଦରଗଡ଼ ଜିଲ୍ଲାର ସୀମାନ୍ତ ଛତିଶଗଡ଼ ଓ ଝାରଖଣ୍ଡ ରାଜ୍ୟକୁ ଲାଗି ରହିଛି। ଏଠାକାର ଜନସାଧାରଣ ସରଳ ଜୀବନଯାପନ କରିଥାନ୍ତି। ଏହାର ସୁଯୋଗ ନେଇ କିଞ୍ଜିରକେଲା ଫାରର୍ମସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡର ଡାଇରେକ୍ଟର ବାଲିଶଙ୍କରା ବ୍ଲକର ୧୦ଟି ଗ୍ରୁପରୁ ଟଙ୍କା ଠକି ନେଇଥିବା ଗୁରୁତର ଅଭିଯୋଗ ହେଉଛି। ବ୍ଲକର ୧୯ଟି ପଞ୍ଚାୟତରୁ ବିଭିନ୍ନ ସବସିଡି ମାଧ୍ୟମରେ ଛେଳି, କୁକୁଡ଼ା, ବଳଦ, ଧାନ, ସାର ଇତ୍ୟାଦି ଯୋଗାଇ ଦେବା ବାହାନାରେ ନିରୀହ ଜନସାଧାରଣଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକି ନେଇ ଚୁପ୍ ରହିଥିବାବେଳେ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ହେଲେ କୌଣସି ଗ୍ରୁପ୍ ଏହି ଫାରର୍ମସ ପ୍ରୋଡୁସର କମ୍ପାନୀ ଲିମିଟେଡ଼ ପକ୍ଷରୁ ସୁବିଧା ସୁଯୋଗ ପାଇ ନ ଥିବା ଅଞ୍ଚଳରେ ଚିନ୍ତାର ବିଷୟ ପାଲିଟିଛି। ଦାୟିତ୍ୱରେ ଥିବା ମହିଳା ଡାଇରେକ୍ଟର ଜଣକ ବ୍ଲକର ବିଭିନ୍ନ ଅଞ୍ଚଳରେ ଯାଇ ନିରୀହ ଜନସାଧାରଙ୍କୁ ଠକି ଥିବାବେଳେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ତାଙ୍କ ଲାଇସେନ୍ସ ରଦ୍ଦକରି ଜିଲ୍ଲାପାଳ ଏଥିପ୍ରତି ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଶୁକ୍ରବାର ଦିନ ତାଙ୍କ ଅଫିସ ତଥା ଘରକୁ ତାଲା ପକାଇ ଦିଆଯିବ ବୋଲି ଠକାମିର ଶିକାର ହୋଇଥିବା ଗ୍ରୁପର ସଦସ୍ୟାମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଫାଉଣ୍ଡେସନ ଟ୍ରଷ୍ଟ ଏସଓଓ ଇଣ୍ଡିଆ ପ୍ରୋଜେକ୍ଟର ଡାଇରେକ୍ଟର ବିଦ୍ୟୁତ ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ଏହି କମ୍ପାନୀ ୧୫ଦିନ ଆମ ସହିତ କାର୍ଯ୍ୟ କରିଥିଲା। ମାତ୍ର ପରେ ତାଙ୍କ ସହିତ କୌଣସି ପ୍ରକାର କାର୍ଯ୍ୟ ହୋଇ ନ ଥିବା କହିଥିଲେ।

## ବର୍ଷାରେ ଭିଜିଲା ସୁନ୍ଦରଗଡ଼, ଗରମରୁ ସାମାନ୍ୟ ଆଶ୍ୱସ୍ତି

**ସୁନ୍ଦରଗଡ଼, ୨୦।୬(ସମିସ):** ଗୁରୁବାର ସନ୍ଧ୍ୟାରେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଫଳରେ ପ୍ରବଳ ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳିଥିବା ବେଳେ ଗୁଳୁଗୁଳିରୁ କିନ୍ତୁ ନିସ୍ତାର ମିଳି ନାହିଁ। ରାତିସାରା ଅସରା ଅସରା ବର୍ଷା ନ ହେଲେ ଗୁଳୁଗୁଳିରୁ ନିସ୍ତାର ମିଳିବନି। ଜୁନ୍ ମାସର ୨୦ ଦିନ ଯାଏ ମୌସୁମୀ ବର୍ଷା ହୋଇ ନ ଥିବାରୁ ଚାଷ କାର୍ଯ୍ୟ ବ୍ୟାହତ ହୋଇଛି। ସେହିପରି ପ୍ରବଳ ତାତି ଓ ଅସହ୍ୟ ଗୁଳୁଗୁଳି ଯୋଗୁଁ ଲୋକେ ଛାଟିପିଟି ହୋଇ ମୌସୁମୀ ବର୍ଷାକୁ ଅପେକ୍ଷା କରିଛନ୍ତି।



## ସାମ୍ବାଦିକଙ୍କ ମାତୃ ବିୟୋଗ

**ବିନିକା, ୨୦।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ୍‌ର ସାମ୍ବାଦିକ ରାମ ଗୋପାଳ ବାଘଙ୍କ ମାତା ସ୍ୱର୍ଗତ ଦିଲେଶ୍ୱରୀ ବାଘ(୮୫)ଙ୍କ ବୁଧବାର ଅପରାହ୍ନ ୩ ଟାରେ ତାଙ୍କ ଉର୍ଲେ ବାସ ଭବନରେ ପରଲୋକ ହୋଇଯାଇଛି। ଦୀର୍ଘ ୧୨ଦିନ ହେଲା ଅସୁସ୍ଥ ହୋଇ ପ୍ରଥମେ ସୁବର୍ଣ୍ଣପୁର ଜିଲ୍ଲା ଡାକ୍ତରଖାନା ଓ ପରେ ବୁର୍ଲା ମେଡ଼ିକାଲ ସ୍ଥାନାନ୍ତରିତ ହୋଇ ଚିକିତ୍ସାଧୀନ ହେଉଥିଲେ। ମୃତ୍ୟୁର ୩ଘଣ୍ଟା ପୂର୍ବରୁ ସ୍ୱଷ୍ଟ ଭାବରେ କଥା ବାର୍ତ୍ତା ହୋଇ ପରିବାରର ସମସ୍ତଙ୍କ ସହ କଥାବାର୍ତ୍ତା ହୋଇଥିଲେ। ସେ ୫୦ ବର୍ଷ ଧରି



ମହିମା ଧର୍ମ ଭକ୍ତ ଭାବେ ନିଜକୁ ସର୍ମପି ଧର୍ମ ପ୍ରଚାରକ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ବିୟୋଗ ଖବର ଶୁଣି ତାଙ୍କର ଶେଷ ଦର୍ଶନ ପାଇଁ ଦୂରଦୁରାନ୍ତରୁ ଶତାଧିକ ମହିମା ଭକ୍ତ ଘରକୁ ଆସିଥିଲେ। ମହିମା ଧର୍ମର ନୀତି ଅନୁଯାଇ ତାଙ୍କ ଗ୍ରାମ ଉର୍ଲେସ୍ଥିତ କଇରାପାଲିଠାରେ ସମାଧି ଦିଆଯାଇଛି। ବଡ଼ପୁଅ ରାମ ଗୋପାଳ ସମାଧି ଦେଇଥିଲେ। ମୃତ୍ୟୁ ସମୟରେ ତାଙ୍କର ଚାରିପୁଅ ଝିଅ ନାତି ନାତୁଣୀ ବନ୍ଧୁ ପରିଜନ ଉପସ୍ଥିତ ଥିଲେ।

## ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଦିଆଗଲା କ୍ଷତିପୂରଣ

**ବୌଦ୍ଧ, ୨୦।୬(ସମିସ):** ହାତୀ ଆକ୍ରମଣରେ ମୃତ ବୃଦ୍ଧଙ୍କ ପରିବାରକୁ ଜଙ୍ଗଲ ବିଭାଗ ତରଫରୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ସୂଚନା ଅନୁସାରେ ଚଳିତ ମାସ ୧୮ ତାରିଖରେ ବୌଦ୍ଧ ବନଖଣ୍ଡ ଅଧିନସ୍ଥ ମାଧପୁର ରେଞ୍ଜ ଅନ୍ତର୍ଗତ ପୋଢ଼ହଳ ସଂରକ୍ଷିତ ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିଲା। ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ବାରିଙ୍ଗୀ ଗୁରାପଡ଼ା ସାହିର ୬୦ ବର୍ଷୀୟ କାଶୀନାଥ ପ୍ରଧାନ ନକଟସ୍ଥ ସୁଲୁଗାଁକୁ ସମ୍ପର୍କୀୟଙ୍କ ଘରକୁ ଯାଇ ଫେରୁଥିବା ସମୟରେ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଘରକୁ ନଫେରିବାରୁ ଘର ଲୋକ ବହୁତ୍ ଖୋଜାଖୋଜି କରିବା ପରେ ପୋଢ଼ହଳ ସଂରକ୍ଷିତ ଜଙ୍ଗଲର ବାରିଙ୍ଗୀ-ଲେଙ୍ଗାରପାଘୁ ଜଙ୍ଗଲିଆ ରାସ୍ତା ନିକଟରେ ମୃତ ଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଘଟଣା ସ୍ଥଳରେ ବନ କର୍ମଚାରୀ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ପୋଲିସର ଜିମା ଦେବା ପରେ ବୁଧବାର ବୌଦ୍ଧ ଡାକ୍ତରଖାନାଠାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ବନ ବିଭାଗର ପ୍ରାଥମିକ ତଦନ୍ତରୁ ହାତୀ ଆକ୍ରମଣରେ କାଶୀନାଥଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିବା ପରେ ମୃତକଙ୍କ ପରିବାରକୁ ସରକାରଙ୍କ ନିୟମ ଅନୁସାରେ ୬ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଶବ ବ୍ୟବଚ୍ଛେଦ ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ରାଶିର ୧୦ ପ୍ରତିଶତ ବା ୬୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ମୃତ୍ୟୁ ପ୍ରମାଣପତ୍ର ଏବଂ ପୋଲିସ ରିପୋର୍ଟ ଆସିବା ପରେ ବାକି ୯୦ ପ୍ରତିଶତ ୫ ଲକ୍ଷ ୪୦ ହଜାର ଟଙ୍କା ମୃତକଙ୍କ ପରିବାରକୁ ପ୍ରଦାନ କରାଯିବ ବୋଲି ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ସୂଚନା ଦେଇଛନ୍ତି।

## ହାଇୱା ଦୁର୍ଘଟଣାଗ୍ରସ୍ତ; ଅଳ୍ପକେ ବର୍ତ୍ତିଲେ ଚାଳକ

**ଶଗଡ଼ା, ୨୦।୬(ସମିସ):** କନ୍ଧମାଳ ଥାନା ଡୁମାଳ ପାଲି ନିକଟରେ ଏକ ହାଇୱା ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଚାଳକ



ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ ଆଜି ଅପରାହ୍ନ ୨ଟାରେ କନ୍ଧମାଳ ପଟରୁ ଏକ ହାଇୱା ଡଷ୍ଟ ଗୁଣ୍ଡ ମିଶା ମେଟାଲ ଧରି ଯାଉଥିବା ସମୟରେ ଡୁମାଳ ପାଲି ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଆହତ ହୋଇଥିବା ଲୋକଙ୍କୁ ସ୍ଥାନୀୟ ଲୋକ ଆମ୍ବୁଲାନ୍ସ ଯୋଗେ କନ୍ଧମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

## ବଜ୍ରାଘାତରେ ନାବାଳକ ମୃତ

**ବାଉଁଶୁଣି, ୨୦।୬(ସମିସ):** ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ଅନ୍ତର୍ଗତ ତାଳପଡ଼ା ଗ୍ରାମ ନିକଟ ପଡ଼ିଆରେ ପିଲାମାନେ ଖେଳୁଥିବାବେଳେ ବଜ୍ରାଘାତରେ ଜଣେ ନାବାଳକ ମୃତ ହୋଇଥିବା ବେଳେ ଜଣେ ନାବାଳକ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଆଜି ଦିନ ୪ଟା ୩୦ମିନିଟ୍ ସମୟରେ ତାଳପଡ଼ା ଗ୍ରାମ ନିକଟ ପଡ଼ିଆରେ ପିଲାମାନେ ଖେଳୁଥିବା ସମୟରେ ହଠାତ୍ ବଜ୍ରପାତ ହୋଇଥିଲା। ଏହା ଫଳରେ ୨ଜଣ ନାବାଳକ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତରଖାନାରେ ରାହୁଲ କୁମ୍ଭାର(୧୫)କୁ ମୃତ୍ୟୁ ଘୋଷଣା କରିଥିଲେ। ଅନ୍ୟ ଜଣେ ଗୁରୁତରଙ୍କୁ ଅଭୟ କୁମ୍ଭାର(୧୬)କୁ ପ୍ରାଥମିକ ଚିକିତ୍ସା ପରେ ଆମ୍ବୁଲାନ୍ସ ଯୋଗେ ସୋନପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

### ଆଷାଢ଼ରେ ବୈଶାଖର ଖରା

# ମୌସୁମୀ ଅପେକ୍ଷାରେ ଦିନ ଗଣୁଛନ୍ତି ଚାଷୀ

**ସୋନପୁର, ୨୦।୬(ସମିସ)**



ଆଉ ୧୦ ଦିନ ପରେ ଜୁନ୍ ମାସ ସରିଯିବ ହେଲେ ଏଯାଏଁ ଜିଲ୍ଲାରେ ବର୍ଷାର ଦେଖା ନାହିଁ। ବର୍ଷାକୁ ଅନାଇ ଚାତକ ପରି ଚାହିଁ ରହିଛନ୍ତି ସୁବର୍ଣ୍ଣପୁର ଜିଲ୍ଲାର ଚାଷୀକୂଳ। ମୌସୁମୀ ଆସୁଛି ଆସୁଛି ବୋଲି ଦିନ ଗଡ଼ି ଚାଲିଛି। ବିଭିନ୍ନ ପଡୋଶୀ ଜିଲ୍ଲାରେ ବିଭିନ୍ନ ସମୟରେ ବର୍ଷା ହେଉଥିଲେ ମଧ ସୁବର୍ଣ୍ଣପୁର ଜିଲ୍ଲାରେ କାଳବୈଶାଖୀ ବର୍ଷାର ମଧ ଦେଖା ନାହିଁ। ଆଶାଢ ମାସରେ ଟାଇଁ ଟାଇଁ ଖରା ହେଉଛି। ଖରାର ପ୍ରକୋପକୁ ଦେଖିଲେ ବର୍ଷା ଋତୁ ଭଳି ଲାଗୁନାହିଁ। ବୈଶାଖ ମାସର ଖରା ଭଳି ଜୁନ ମାସର ଶେଷ ସପ୍ତାହରେ ଘରୁ ବାହାରିବା ମୁସ୍କିଲ ହୋଇ ଯାଉଛି। ଉଠା ଜଳସେଚନ କିମ୍ବା ଗଭୀର ନଳକୂପ ଦ୍ୱାରା ପାଣି ପାଉଥିବା ଚାଷୀ ତଳି ପକାଇଛନ୍ତି। ଏପଟେ ବର୍ଷା ଆଶାରେ ତଳି ପକାଇ ଥିବା ଚାଷୀ ଏବେ ପ୍ରମାଦ ଗଣିଲେଣି। ବର୍ଷାର ଅଭାବରେ ତଳି ପୋଡିବାକୁ ବସିଲାଣି। ଏଭଳିକି ବିଭିନ୍ନ ସ୍ଥାନରେ ତଳି ପକାଇବା କାମ ଆରମ୍ଭ ମଧ ହୋଇନାହିଁ। ବର୍ଷାର ଅଭାବରୁ ଧାନ ବୁଣିବାକୁ ଆଶା ରଖିଥିବା ଚାଷୀ ମାନେ ବି ହତାଶ ହେଲେଣି। ଆଦୌ ବର୍ଷା ହେଉ ନଥିବାରୁ ବିଭିନ୍ନ ଅଞ୍ଚଳରେ ଚାଷର ପୂର୍ବ ପ୍ରକ୍ରିୟା ଏଯାଏଁ ସରି ପାରିନାହିଁ। ଜୁନ ୨୦ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲ୍ଲାର ବର୍ଷାର ପରିମାଣକୁ ଅନୁଧ୍ୟାନ କଲେ ଜିଲ୍ଲାରେ ଖୁବ୍ କମ ବର୍ଷା ହୋଇଥିବା ଜଣା ପଡ଼ିଛି। ସରକାରୀ ତଥ୍ୟ ଅନୁସାରେ ଜୁନ୍ ମାସରେ ଅତିକମରେ ୯ ଦିନ ବର୍ଷା ହେବା କଥା। ଜିଲ୍ଲାରେ ଜୁନ ମାସରେ ୨୦୦ ମିମି ସ୍ୱାଭାବିକ ବର୍ଷା ହେବା ଆବଶ୍ୟକ। ତେବେ ଜୁନ ୧୯ ଯାଏଁ ଜିଲ୍ଲାର ୬ଟି ବ୍ଲକରେ ହାରାହାରି ୫୩.୧୬ ମିମି ବର୍ଷା ହୋଇଛି। ଜୁନ୍ ୪ ଓ ୧୫ ତାରିଖରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଉଣା ଅଧିକେ ବର୍ଷା ହୋଇଥିଲା। ଜିଲ୍ଲାର କୌଣସି ବ୍ଲକରେ ଜୁନ ମାସରେ ଏପର୍ଯ୍ୟନ୍ତ ଚାଷ ଉପଯୋଗୀ ବର୍ଷା ହୋଇ ନାହିଁ। ନିଅଣ୍ଟିଆ ବର୍ଷା ଯୋଗୁଁ ସୁବର୍ଣ୍ଣପୁର ଜିଲ୍ଲାରେ ଚାଷ ବିଳମ୍ବିତ ହେବାର ଆଶଙ୍କା ଦେଖାଦେଇଛି।

## ପାତାଳି ଶ୍ରୀକ୍ଷେତ୍ରରେ ସ୍ନାନଯାତ୍ରା ପାଇଁ ନୀତି ନିର୍ଘଣ୍ଟ

**ସୋନପୁର, ୨୦।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲାର କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ସ୍ନାନଯାତ୍ରା ପାଇଁ ନୀତି ନିର୍ଘଣ୍ଟ ସ୍ଥିର ହୋଇଛି। ଆସନ୍ତା ୨୨ ତାରିଖ ସକାଳ ୫ଟା ସମୟରେ ମଙ୍ଗଳ ଆଳତି ଅନୁଷ୍ଠିତ ହେବା ସକାଳ ୯ଟାରୁ ଧାଡ଼ି ପହଣ୍ଡିରେ ଠାକୁର



ସ୍ନାନ ମଣ୍ଡପକୁ ବିଜେ କରିବେ। ପୂର୍ବାହ୍ନ ୧୧ଘଣ୍ଟାରୁ ଶ୍ରୀଜିଉମାନଙ୍କ ମହାସ୍ନାନ ଆରମ୍ଭ ହେବ। ସୁବର୍ଣ୍ଣ କୂଅର ୧୦୮ ଗରା ସୁବାସିତ ଜଳରେ ଠାକୁରଙ୍କ ସ୍ନାନ ରୀତି ସମାପନ ହେବ। ଅପରାହ୍ନ ୧ଘଣ୍ଟାରୁ ମହାପ୍ରଭୁଙ୍କ ଗଜାନନ ବେଶ ଅନୁଷ୍ଠିତ ହେବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଅପରାହ୍ନ ୪ଟା ସମୟରେ ଠାକୁରଙ୍କ ଅଣସର ବିଜେ ଅନୁଷ୍ଠିତ ହେବ। ପୁରୀ ଶ୍ରୀମନ୍ଦିର ରୀତିନୀତି ଅନୁସାରେ ଏଠାରେ ସମସ୍ତ ପୂଜା କାର୍ଯ୍ୟ ଅନୁଷ୍ଠିତ ହେଉଥିବାରୁ ସ୍ନାନ ପୂର୍ଣ୍ଣିମା ଦିନ ଜିଲ୍ଲା ତଥା ଜିଲ୍ଲା ବାହାରର ବହୁ ଶ୍ରଦ୍ଧାଳୁ ଠୁଳ ହେବେ ବୋଲି ଅନୁମାନ କରାଯାଉଛି।

## ଜାତୀୟ ଫୁଟ୍‌ବଲ ରେଫରୀ ପରୀକ୍ଷାରେ ଜିତେନ୍ଦ୍ରିୟଙ୍କ କୃତିତ୍ୱ

**ବିନିକା, ୨୦।୬(ସମିସ):** ଜାତୀୟସ୍ତରୀୟ ଫୁଟବଲ ରେଫରି ପରୀକ୍ଷାରେ ସୋନପୁର ଜିଲ୍ଲା ବିନିକା ବ୍ଲକ ଚରଦକ୍ଷ ଗ୍ରାମର ଜିତେନ୍ଦ୍ରିୟ ଥନକ୍ଷପତି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରୀକ୍ଷା ଜୋନ ସ୍ତରରେ କଲିକତାର ସଲ୍ଟଲେକ୍ ଷ୍ଟାଡିୟମରେ ଓଡ଼ିଶା ରାଜ୍ୟରୁ ୧୨ଜଣ ଶାରୀରିକ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯ଜଣ ଉତ୍ତୀର୍ଣ୍ଣ ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସର୍ବଭାରତୀୟସ୍ତରରେ ମଧ୍ୟପ୍ରଦେଶର ଗୋୱାଲିଅରରେ ଅନୁଷ୍ଠିତ ହୋଇଥିଲା ଶାରିରୀକ ଏବଂ ଲିଖିତ ପରୀକ୍ଷା। ଏହି ପରୀକ୍ଷାରେ ଜିତେନ୍ଦ୍ରୀୟ ତାଙ୍କର ଏହି ସଫଳତା ପାଇଁ ସେ ଓଡ଼ିଶା ଫୁଟବଲ ଆସୋସିଏସନର



ସମ୍ପାଦକ ଆଶୀର୍ବାଦ ବେହେରା ଓ ଯୁଗ୍ମ ସମ୍ପାଦକ ଅଭିଜିତ ପାଲଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି। ସୂଚନା ଯୋଗ୍ୟଯେ ବିନିକା ସହରର ନରସିଂହ ସେଠୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ରେଫରି ବିଭାଗକୁ ଆସି ତାଙ୍କ ଠାରୁ ତାଲିମ୍ ପାଇଥିବା କହିଛନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ଫୁଟବଲ ରେଫରୀ ମୁଖ୍ୟ ଏଆଇଏଫ୍ଏଫ୍ ମ୍ୟାଚ୍ କମିଶନର ଦୁର୍ଗା ମାଧବ ନାଏକଙ୍କୁ ଦେଇଛନ୍ତି। ତାଙ୍କ ଯୋଗୁଁ ଆଜି ରାଜ୍ୟର କୋଣ ଅନୁକୋଣରେ ଅନୁଷ୍ଠିତ ଫୁଟବଲ ପ୍ରତିଯୋଗିତା ଗୁଡ଼ିକ ପରିଚାଳନା କରିବା ପାଇଁ ଏହି ଓଡ଼ିଆ ରେଫରୀ ମାନେ ସୁଯୋଗ ପାଉଛନ୍ତି। ଆଗାମୀ ଦିନରେ ରାଜ୍ୟର ନା ରଖିବା ପାଇଁ ଯେପରି ଜାତୀୟ ସ୍ତର ରେଫରି ହୋଇପାରିବେ ସେ ଦିଗରେ ଜିତେନ୍ଦ୍ରୀୟ ପ୍ରୟାସ କରୁଥିବା ପ୍ରକାଶ କରିଛନ୍ତି। ଜିତେନ୍ଦ୍ରୀୟଙ୍କ ଏହି ସଫଳତା ପାଇଁ ବିନିକା ସ୍ପୋର୍ଟସ କ୍ଲବ ତରଫରୁ ସମସ୍ତ ସଦସ୍ୟ ଅଭିନନ୍ଦନ ଜଣାଇଛନ୍ତି।

## ଥାନା ନିକଟ ପୂଜା ଭଣ୍ଡାରରୁ ଚୋରି

**ବୀରମହାରାଜପୁର, ୨୦।୬(ସମିସ):** ବୀରମହାରାଜପୁର ଥାନା ପାଖରୁ ଆଜବେଷ୍ଟ ଭାଙ୍ଗି ଓ ଘରର ସିଲିଂ ତାଡି ୬୦ ହଜାର ଟଙ୍କା ଶିବାନୀ ପୂଜା ଭଣ୍ଡାରରୁ ଚୋରୀ ହୋଇଛି। ଦୋକାନ ଭିତରକୁ ଓହ୍ଲାଇ କ୍ୟାସବ୍ରରୁ ଟଙ୍କାସବୁଯାକ ବାହରକରି ନେଇଯାଇଥିବା ଅଭିଯୋଗ ହୋଇଛି। ମୁହଁରେ କପଡ଼ା ଢାଙ୍କି ଅତି ଦୋକାନରୁ ଚୋରୀ କରିଛନ୍ତି ଚୋର ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ଗତକାଲି ବିଳମ୍ବିତ ରାତିରେ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ତ୍ରିବେଣୀ ଛକର ଏକ ପୂଜା ଭଣ୍ଡାରରୁ



ଚୋରୀ ହୋଇଥିଲା। ଉକ୍ତ ଚୋରୀ କୌଣସି ନିଛାଟିଆ ସ୍ଥାନର ନୁହେଁ ବରଂ ବୀରମହାରାଜପୁର ଆଦର୍ଶ ଥାନାରୁ ମାତ୍ର ୧୦୦ ମିଟର ଏବଂ ଏସବିଆଇ ବ୍ୟାଙ୍କ ଏବଂ ଏଟିଏମ ନିକଟରେ ଲାଗିକରି ରହିଥିବା ପୂଜା ଭଣ୍ଡାରରୁ ଚୋରୀ ହୋଇଛି। ଆଜି ସକାଳୁ ଦୋକାନ ମାଲିକ ଦୋକାନ ଖୋଲିବା ପରେ ଚୋରୀ ସମ୍ପର୍କରେ ଜାଣିପାରି ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କଲାପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଦୁଇବର୍ଷ ତଳେ ତ୍ରିବେଣୀ ଛକ ନିକଟରୁ ଏକ ମୋବାଇଲ ଦୋକାନରୁ ମଧ ୧୮ ଲକ୍ଷ ଟଙ୍କାର ମୋବାଇଲ ଚୋରୀ ହୋଇଥିଲା। ଆଜିଯାଏ ନା ଚୋରମାନେ ଧରାପଡ଼ିଲେ ନାଁ ଉଦ୍ଧାର ହେଲା ଚୋରୀ ସାମଗ୍ରୀ। ବାରମ୍ବାର ବୀରମହାରାଜପୁର ମୁଖ୍ୟ ଛକରୁ ଏହିଭଳି ଭାବେ ଚୋରୀ ହେବା ଘଟଣା ଏବେ ପୋଲିସର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ରାତିରେ ପୋଲିସ ପେଟ୍ରୋଲିଙ୍ଗ ଠିକ ଭାବେ ହେଉନଥିବାରୁ ଏହିଭଳି ଚୋରୀ ହେଉଥିବା ଅଭିଯୋଗ ହେଉଥିବାରୁ ଆଗକୁ ପୋଲିସ ପେଟ୍ରୋଲିଙ୍ଗ ବ୍ୟବସ୍ଥା କଡାକଡି କରିବାକୁ ଦାବୀ ହେଉଛି। ତେବେ ଏନେଇ ପୋଲିସର ପ୍ରତିକ୍ରିୟା ମିଳିପାରିନାହିଁ।

## ବୀରମହାରାଜପୁରରେ ଆଇନ ସଚେତନତା ଶିବିର




**ବୀରମହାରାଜପୁର, ୨୦।୬(ସମିସ):** ସ୍ଥାନୀୟ ହିଲୁଙ୍ଗ ଗ୍ରାମପଞ୍ଚାୟତ ସଭା ଗୃହଠାରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ମୌଳିକ କର୍ତ୍ତବ୍ୟ ଉପରେ ଏକ ଜିଲ୍ଲା ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁରର ସଚିବ ମିସ କୁମୁଦିନୀ ମୁଦୁଲି ଅଧ୍ୟକ୍ଷତା କରିଥିଲେ। ଏବଂ ଏହା ସହ ମୌଳିକ କର୍ତ୍ତବ୍ୟ ଉପରେ ଜନସାଧାରଣଙ୍କୁ ଅବଗତ କରିଥିଲେ ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ସୋନପୁର ଡିଏସପି ଚନ୍ଦ୍ରଶେଖର ସବର, ଓକିଲ ବାସୁଦେବ ବାରିକ, ଓକିଲ ସଞ୍ଜୀବ କୁମାର ପଧାନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମିତାଞ୍ଜଳୀ ରଥ, ଆଇସିଡିଏସ ସୁପର ଭାଇଜର ମିନତୀ ମିଶ୍ର, ନାଏବ ସରପଞ୍ଚ ସଞ୍ଜିତୀ କର୍ଣ୍ଣ, ପାରା ଲିଗାଲ ସ୍ୱେଚ୍ଛାସେବୀ ଶାନ୍ତିଲତା ଜଗଦଲା ପ୍ରମୁଖ ଯୋଗ ଦେଇ ମୌଳିକ କର୍ତ୍ତବ୍ୟ ଉପରେ ନିଜ ନିଜ ମତ ପ୍ରକାଶ କରି ଥିଲେ ଓ ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁରର ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ସିଦ୍ଧାନ୍ତ କୁମାର ବାଘ, କମଳ ଲୋଚନ ବେହେରା, ଅନାମ ସାହୁ ଏବଂ ରଞ୍ଜନ କୁମାର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ସହରାଞ୍ଚଳ ବୃକ୍ଷରୋପଣ ପାଇଁ କ୍ଷେତ୍ର ପରିଦର୍ଶନ



**ମନମୁଣ୍ଡା, ୨୦।୬(ସମିସ):** ରାଜ୍ୟ ସରକାର ମନମୁଣ୍ଡାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିବା ପରେ ଚଳିତ ବର୍ଷ ବନ ବିଭାଗ ମନମୁଣ୍ଡା ଅଞ୍ଚଳର ସହରାଞ୍ଚଳରେ ବୃକ୍ଷ ରୋପଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛି। ଏହି ପରିପ୍ରେକ୍ଷୀରେ ମନମୁଣ୍ଡା ବନପାଳ ପ୍ରକାଶ ଚନ୍ଦ୍ର ସେଠୀ ଓ ବନରକ୍ଷୀ ରଞ୍ଜିତ କୁମାର ପ୍ରଧାନଙ୍କ ସହ କ୍ଷେତ୍ର ପରିଦର୍ଶନ କରିବାକୁ ଯାଇଥିଲେ। ପ୍ରକୃତିବନ୍ଧୁ ବୈଦ୍ୟନାଥ ହୋତାଙ୍କ ଅନୁରୋଧ କ୍ରମେ ନୂର୍ପା ଖେଳ ପଡ଼ିଆ ଏବଂ ତହିଁ ନିକଟରେ ଥିବା ସରକାରୀସ୍ଥାନରେ ବୃକ୍ଷ ରୋପଣ କରାଯିବାକୁ ମନୋନୀତ କରାଯାଇଥିଲା। ବୃକ୍ଷ ରୋପଣ ସହ ଲୋକମାନଙ୍କ ପାଇଁ ପାର୍କ କରାଯିବ ବୋଲି ବନପାଳ ସେଠୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ନୂର୍ପା ନେତାଜୀ ପାଠାଗାରର ସଭ୍ୟ ମାନେ ସହଯୋଗ କରିବା ସହ ପ୍ରକଳ୍ପର ସୁରକ୍ଷା ଦାୟିତ୍ୱ ନେବେ ବୋଲି ପ୍ରକାଶ କରିଛନ୍ତି। ସେହିପରି ମନମୁଣ୍ଡାରେ ଶ୍ରୀ ସୁବର୍ଣ୍ଣମେରୁ ବାବା ମନ୍ଦିର ପଛପଟ ତେଲନଦୀ କୂଳରେ ମଧ ବୃକ୍ଷ ରୋପଣ କରାଯିବା ପାଇଁ ସ୍ଥାନ ମନୋନୟନ କରାଯାଇଛି। ଏହା ଦ୍ୱାରା ମନ୍ଦିର ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ଆଗାମୀ ଦିନରେ ଉକ୍ତ ପ୍ରକଳ୍ପର ଲାଭ ଉଠାଇ ପାରିବେ ବୋଲି ବନପାଳ ସେଠୀ କହିଛନ୍ତି।

## ତେଲନଦୀରୁ ବାଲି ଚୋରାଚାଲାଣ, ନୀରବଦ୍ରଷ୍ଟା ସାଜିଛି ପ୍ରଶାସନ

**ଶଗଡ଼ା, ୨୦।୬(ସମିସ):** କନ୍ଧମାଳ ବ୍ଲକ ଓ ସୋନପୁର ବ୍ଲକ ଦେଇ ଯାଇଥିବା ତେଲନଦୀ ଘାଟରୁ ବାଲି ମାଫିଆମାନେ ଜେସିବି ସାହାଯ୍ୟରେ ଟ୍ରାକ୍ଟର, ହାଇୱା ଆଦି ଭାରିଯାନଗୁଡ଼ିକରେ ବାଲି ଚୋରି କରି ପ୍ରତିଦିନ ଶହ ଶହ ଟ୍ରିପ ବାଲି ନେଇ ଯାଉଛନ୍ତି। ରାସ୍ତାରେ ଯିବା ସମୟରେ ବେପରୁଆ ଭାବେ ଗାଡ଼ି ଚଲାଉଛନ୍ତି। ଭାରି ଯାନ ଯାତାୟାତ ଫଳରେ ରାସ୍ତାର ଅନେକ ସ୍ଥାନରେ ଦବି ଯାଇ ରାସ୍ତା ଖରାପ ହେବା ସହ ଧୂଳି ଉଡି ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ବେଆଇନ ବାଲି ଚାଲାଣ ଯୋଗୁଁ ସରକାରଙ୍କ ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହାନି ହେଉଥିବା ବେଳେ ପ୍ରଶାସନ ଲୋକ ଦେଖାଣିଆ ଚଢ଼ାଉ କରି କିଛି ଫାଇନ ଆଦାୟ କରି ଛାଡ଼ି ଦେଉଥିବା ଅଭିଯୋଗ ହେଉଛି। ଏପରିକି ସୁବର୍ଣ୍ଣପୁର ଜିଲ୍ଲା ସଦର ବ୍ଲକ ହରଡଖୋଲ ପଞ୍ଚାୟତ ଅନ୍ତର୍ଗତ (ବୈଦ୍ୟନାଥ) ଛତାପିପଲ ଘାଟରୁ ବାଲି ଚୋରାଚାଲାଣ ହୋଇ ହାଇୱା ସାହାଯ୍ୟରେ କନ୍ଧମାଳ ପଟକୁ ଯାଉଥିବା ଦେଖିବାକୁ ମିଳିଛି। ଏହାଫଳରେ ଗବଯୋର - ବୈଦ୍ୟନାଥ ଉପରେ ନିର୍ମାଣ ହୋଇଥିବା ସେତୁ ରାସ୍ତାର ଗବଯୋର ପାର୍ଶ୍ୱର ଆପ୍ରୋଚ ରାସ୍ତା ଅନେକ ସ୍ଥାନରେ ଦବି

**● ସୋନପୁରରୁ କନ୍ଧମାଳ ଅଞ୍ଚଳକୁ ଯାଉଛି ବାଲି**

ଯାଇଥିବା ଅଭିଯୋଗ ହୋଇଛି। ଏହି ଆପ୍ରୋଚ ରାସ୍ତାର ଆବଶ୍ୟକତା ପରିମାଣରୁ ଅଧିକ ଓଜନ ବାଲି ହାଇୱା ଗାଡ଼ିରେ ଯାଉଥିବାରୁ ରାସ୍ତାଟି ଭାଙ୍ଗି ଯାଇଥିବା ସେତୁ ନିର୍ମାଣ ଦାୟିତ୍ୱରେ ଥିବା ଜଣେ କର୍ମଚାରୀ କହିଛନ୍ତି। ଦୀର୍ଘ ବର୍ଷ ହେବ ନଦୀରୁ ବାଲି ଚୋରାଚାଲାଣ ହେଉଥିଲେ ମଧ ତହସିଲ ପ୍ରଶାସନ କୌଣସି ପଦକ୍ଷେପ ନେଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନେକ ବାଲିଘାଟ ଟେଣ୍ଡର ହୋଇ ନ ଥିବା ବେଳେ ମାଫିଆ ବେଧଡ଼କ ଭାବରେ ବାଲି ଚୋରାଚାଲାଣ କରୁଥିବା ବେଳେ ନିଲାମ ହୋଇଥିବା ସ୍ଥାନରେ ବିନା ରସିଦରେ ଆବଶ୍ୟକୀୟ ବାଲି ଉଠାଇବା ପରିବର୍ତ୍ତେ ଅଧିକ ବାଲି ଉଠାଣ ହେଉଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏହାଫଳରେ ପ୍ରଶାସନ ରାଜସ୍ୱ ହରାଇବା ସହ ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏସମ୍ପର୍କରେ କନ୍ଧମାଳ ତହସିଲଦାର ସୁଶ୍ରୀ ଶ୍ୱେତପଦ୍ମା ଯୋଶୀଙ୍କୁ ଯୋଗାଯୋଗ କରିବାରୁ ସେ ଏହାର ତଦନ୍ତ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ବରଗାଁଠାରେ ବିଶ୍ୱ ରକ୍ତଶିକୁଳି ଦିବସ

**ଶଗଡ଼ା, ୨୦।୬(ସମିସ):** କନ୍ଧମାଳ ବ୍ଲକ ବରଗାଁଠାରେ ବିଶ୍ୱରକ୍ତ ଶିକୁଳି ଦିବସ ପାଳିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ବରଗାଁ ସରପଞ୍ଚ ରଶ୍ମିତା ରଣା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୂଲେଶ୍ୱର ନାଗ, ସୁପର ଭାଇଜର ମେଘମାଳା ମିଶ୍ର, ଏ ଏନ୍ ଏମ ସୁକାନ୍ତି ଖମାରୀ, ସ୍ୱାସ୍ଥ୍ୟକର୍ମୀ ସରୋଜ କର, ଜିଆରଏସ୍ ପିଙ୍କୁ ସାହୁଙ୍କ ସମେତ ଅନେକ ଗ୍ରାମବାସୀ ଉପସ୍ଥିତଥିଲେ। ରକ୍ତ ଶିକୁଳି ଜନିତ ରକ୍ତ ହୀନତା, ଏହାର ଲକ୍ଷଣ ଓ ନିରାକରଣ ସହ ସୁରକ୍ଷା ଉପରେ ଅତିଥିମାନେ ନିଜ ନିଜର ବକ୍ତବ୍ୟ ରଖିବା ସହିତ ଉପସ୍ଥିତ ଲୋକଙ୍କୁ ସଚେତନ କରାଇଥିଲେ।



## ସୋଲାର ପ୍ରକଳ୍ପ ନିର୍ମାଣ ନ ହେଲେ ଆନ୍ଦୋଳନ ଚେତାବନୀ

**କନ୍ଧମାଳ, ୨୦।୬(ସମିସ):** ସରକାର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାପାଇଁ ବିଭିନ୍ନ ଯୋଜନା ମାଧ୍ୟରେ ପ୍ରକଳ୍ପ ନିର୍ମାଣ କରୁଛନ୍ତି। ତା ମଧ୍ୟରୁ ଅନ୍ୟ ଏକ ଯୋଜନା ହେଉଛି ସୋଲାର ପାନୀୟ ଜଳ ପ୍ରକଳ୍ପ। କିନ୍ତୁ ବିଭାଗୀୟ ଅଧିକାରୀ ଓ ପ୍ରଶାସନିକ ଅସହଯୋଗ ଯୋଗୁଁ ସୋଲାର ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇପାରୁ ନଥିବା ଅଭିଯୋଗ କରିଛନ୍ତି ସୌରୀବେଙ୍ଗସ ଗ୍ରାମବାସୀ। ସେମାନଙ୍କ କହିବା ଅନୁସାରେ ଗ୍ରାମର କୁଞ୍ଜଘର ସମ୍ମୁଖରେ ଥିବା ନଳକୂପରେ ସୋଲାର ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରିବା ପାଇଁ ଗ୍ରାମବାସୀ କନ୍ଧମାଳ ବିଡ଼ିଓଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ପଞ୍ଚାୟତ ସମିତି, କନ୍ଧମାଳକୁ ଯୋଗାଯୋଗ



କରିବାରୁ ସେ କହିଥିଲେ ସୋଲାର ପ୍ରକଳ୍ପ ନେଇ କୌଣସି ପ୍ରସ୍ତାବ ନାହିଁ। ପ୍ରସ୍ତାବ ଆସିଲେ ଏହାକୁ ନେଇ ବିଚାର କରାଯିବ ବୋଲି କହିଥିଲେ। ସୋଲାର ପ୍ରକଳ୍ପ ନିର୍ମାଣ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନର କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏଥିପ୍ରତି ବୌଦ୍ଧ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ମନଧର କର୍ମୀ, ବଂଶୀଧର ଚାଉଳିଆ, ବୁଧୁ ପାତ୍ର, ପାଣ୍ଡବ କର୍ମୀ, ଜୟରାମ କର୍ମୀ, ସୁରେଶ ନାଏକ, ଦୁଃଶାସନ ମହାକୁଡ଼, ରଜତ କର୍ମୀ, ଦେବରାଜ କର୍ମୀ, ନରୋତ୍ତମ ପାତ୍ର, ସତ୍ୟନାରାୟଣ କର୍ମୀ ଆଦି ଗ୍ରାମବାସୀ ଦାବି କରିଛନ୍ତି।



### ● ଦୁଇ ବର୍ଷ ହେଲା ପକ୍ଷାଘାତରେ ପୀଡ଼ିତ ଶଇଳ

# ଚିକିତ୍ସା ପାଇଁ ସରକାରଙ୍କୁ ଆକୁଳ ନିବେଦନ

**ଶଗଡ଼ା, ୨୦।୬(ସମିସ)**

ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଶିମିଳି ପଦର ପଞ୍ଚାୟତ ଅନ୍ତର୍ଗତ ଫଗୁନାମାଲ ଗ୍ରାମର ଶଇଳ ମୁଦୁଲି (୫୫) ଦୀର୍ଘ ଦୁଇ ବର୍ଷ ହେବ ପକ୍ଷାଘାତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଅଛନ୍ତି। ଗରିବ ପରିବାର ହୋଇଥିବାରୁ ସ୍ତୀର ଚିକିତ୍ସା କରିବା ସ୍ୱାମୀ ଗୋବିନ୍ଦ ପକ୍ଷେ ସମ୍ଭବ ନୁହେଁ। ଘରେ ପତିପତ୍ନୀ ଦୁଇ ଜଣ ରହୁଥିବା ବେଳେ ସ୍ୱାମୀ ଚାଷ କରି ନିଜ ପରିବାର ପ୍ରତିପୋଷଣ କରନ୍ତି। ସ୍ତୀର ଚିକିତ୍ସା ପାଇଁ ଗୋବିନ୍ଦ ସୋନପୁରଠାରୁ ଆରମ୍ଭ କରି ବଲାଙ୍ଗୀର, ବୁର୍ଲା ପର୍ଯ୍ୟନ୍ତ ଚିକିତ୍ସା କରି ଥିଲେ ମଧ ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ହେଉନାହିଁ। ନିଜ ପାଖରେ ଯାହା ଥିଲା ସବୁ ସ୍ତୀର ଚିକିତ୍ସାରେ ଖର୍ଚ୍ଚ କରି ସାରିଲେନି। ବର୍ତ୍ତମାନ ଚିକିତ୍ସା ପାଇଁ ତାଙ୍କ ନିକଟରେ ଅର୍ଥ ନାହିଁ। କୌଣସି ସରକାରୀ ସହାୟତା ମିଳିଲେ ସ୍ତୀର ଚିକିତ୍ସା କରି ପାରିବେ ବୋଲି ଗୋବିନ୍ଦ କହିଛନ୍ତି। ସରକାର ଅନେକ ଯୋଜନା କରି ଗରିବ ଲୋକଙ୍କୁ ମାଗଣାରେ ଚିକିତ୍ସା ସହାୟତା ଯୋଗାଇ ଦେଉଥିଲେ ସୁଦ୍ଧା ସମସ୍ତ ସୁବିଧାରୁ ଶଇଳ ବଞ୍ଚିତ ଥିବା ଅଭିଯୋଗ ହୋଇଛି। ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗରିବ ଶଇଳଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୪୭ କୋଟିର ଜୁଲକୋ ବ୍ୟାରେଜ ନିର୍ମାଣ କାର୍ଯ୍ୟ ଶେଷ

ଭବାନୀପାଟଣା, ୨୦।୬(ସମିସ)

ଉପଲବ୍ଧ ଭୂତଳ ଓ ଭୂଉପରିସ୍ଥ ଜଳସମ୍ପଦର ନିରବଚ୍ଛିନ୍ନତା ପାଇଁ ଫଳପ୍ରଦ ଜଳ ସଞ୍ଚୟ, ଜଳ ବଣ୍ଟନରେ ସମନ୍ୱୟତା ତଥା ସୁଷମ ଜଳ ଯୋଗାଣ ଏକାନ୍ତ ଜରୁରୀ ହୋଇପଡ଼ିଛି। ସେହି ପରିପେକ୍ଷୀରେ ନବୀନ ସରକାରଙ୍କ ସମୟରେ କଳାହାଣ୍ଡି ଜିଲ୍ଲାରେ କୋଟି କୋଟି ଟଙ୍କାର ବ୍ୟାରେଜ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା। ସେଥିରୁ ଜୁଲକୋ ବ୍ୟାରେଜ ଅନ୍ୟତମ। ଏହି ବ୍ୟାରେଜ ନିର୍ମାଣ ଲାଗି ଗତ ୨୦୨୧ ମସିହା ଡିସେମ୍ବର ୧୮ ତାରିଖରେ ପରିକଳ୍ପନା କରାଯାଇଥିଲା। ୪୭ କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହୋଇଥିବା ଜୁଲକୋ ବ୍ୟାରେଜ ଜୁନ ୧୭ ତାରିଖରେ ଶେଷ ହୋଇଛି। ୧୫ ଫୁଟ ଗଭୀର ଓ ୯୧.୫୯ ଦୀର୍ଘର ଏହି ବ୍ୟାରେଜ ନିର୍ମାଣ ହେବାପରେ ୮ ୯୧୨ ଜଣ ପାନୀୟ ଜଳର ସୁବିଧା ପାଇବା ସହିତ ଲିଫ୍ଟ ପ୍ରୋଜେକ୍ଟ ସହାୟତାରେ ଚାଷୀ ଉପକୃତ ହେବ ବୋଲି ଜଣାପଡ଼ିଛି। ଏହାର ଜଳଧାରଣ କ୍ଷମତା ୮୮.୬୬ ହେକ୍ଟାମିଟର ହୋଇଥିବାବେଳେ ବ୍ୟାରେଜରୁ ୧୧୫୨.୪୦ କ୍ୟୁସେକ ଜଳ ନିଷ୍କାସନ ହୋଇପାରିବ। ଜୁଲକୋ



ଉପକୃତ ହେବେ ୮ ୯୧୨ ପରିବାର

ବ୍ୟାରେଜ ନିର୍ମାଣ ହେବା ଦ୍ୱାରା କେସିଙ୍ଗା ବ୍ଲକ ଅନ୍ତର୍ଗତ କରଲାଭାଡ଼ି, ଲଇତରା, ଜୁଲକୋ, ବୋରିଆ, କିକିଆ, ଦେଣ୍ଡୋଗୁଡା ଓ ସଂଗ୍ରାମଡଙ୍ଗର ଗ୍ରାମର ଅଧିବାସୀମାନେ ମାଛ ଚାଷଠାରୁ ଆରମ୍ଭ କରି କୃଷି ଏବଂ ପାନୀୟଜଳର ସୁବିଧା ଉପଲବ୍ଧ କରିବେ ବୋଲି କୁହାଯାଇଛି। ବିଶେଷ ଭାବେ ପୂର୍ବରୁ ୯ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇସାରିଥିବା ମେଗାଲିଫ୍ଟ ପ୍ରକଳ୍ପ ପାଣି ଅଭାବରୁ ଅଚଳ ହୋଇ ପଡ଼ିଥିଲା। ବର୍ତ୍ତମାନ ରେତ ନଦୀ ଉପରେ ଠିଆ ହୋଇଥିବା ଜୁଲକୋ ବ୍ୟାରେଜ ଉକ୍ତ ମେଗାଲିଫ୍ଟ ପଏଣ୍ଟକୁ ଚଳମାନ ଅବସ୍ଥାକୁ ଫେରାଇ ଆଣି ଚାଷୀଙ୍କ ଉପକାରରେ ଆସିବ। ମାତ୍ର ଦୁଇବର୍ଷ ମଧ୍ୟରେ ଜୁଲକୋ ବ୍ୟାରେଜର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପନ୍ନ ହେଲେ ସୁଦ୍ଧା ଜଳାଭାବରୁ ବ୍ୟାରେଜର ଶୁଭ ଉଦଘାଟନ ପର୍ବ କରାଯାଇନାହିଁ। ରବି ଧାନ ସହିତ ଖରିଫ ଧାନ ଉତ୍ପାଦନରେ ବ୍ୟାରେଜଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା ରଖାଯାଇଛି। ରେତ ନଦୀ ଜଳ ଓ ବୃଷ୍ଟିଜଳର ଉପଯୁକ୍ତ ବ୍ୟବହାର ଲାଗି ନୀତି ଅନୁଶୃତ ହେବା ବାଞ୍ଛନୀୟ। ଜଳସମ୍ପଦର ଯଥୋଚିତ ବିନିଯୋଗ ଜଳଯୋଗାଣର ଘନତ୍ୱ ଭିତ୍ତିରେ କରାଗଲେ ରେତ ନଦୀ କୂଳର ଚାଷୀ ତତ୍ପରତା ପ୍ରକାଶ କରି ଚାଷ କରିପାରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହିକି ଯେ ନିଷ୍କାସିତ ଜଳ ପରିମାଣ ସମୟ ବ୍ୟବଧାନ ଏବଂ ଆଇନ ସମ୍ମତ କରାଯିବା ଜରୁରି ବୋଲି ମତପ୍ରକାଶ ପାଇଛି। ପ୍ରାୟତଃ ସମସ୍ତ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ସତ୍ତ୍ୱେ ଉଦଘାଟନ ସମୟକୁ ଏବେ ସମସ୍ତଙ୍କ ଅପେକ୍ଷା ରହିଛି। ନୂଆ ସରକାର କେବେ ଚାଷୀଙ୍କ ଉଦ୍ଦେଶ୍ୟରେ ଏହି ଜୁଲକୋ ବ୍ୟାରେଜକୁ ଲୋକାର୍ପଣ କରିବେ ତାହା ଦେଖିବାକୁ ରହିଲା।

■ ଆମପାଣି ଘାଟିରେ ଦୁର୍ଘଟଣା

## ଟ୍ରକ୍‌କୁ ପିଟିଲା କାର୍; ଡ୍ରାଇଭର ସମେତ ଦୁଇ ଗୁରୁତର

**କୋକସରା, ୨୦।୬(ସମିସ):** କଳାହାଣ୍ଡି ନବରଙ୍ଗପୁର ଜିଲ୍ଲା ସୀମାନ୍ତ ଆମପାଣି ଘାଟିରେ ଗୁରୁବାର କାର୍ ଓ ଟ୍ରକ ମଧ୍ୟରେ ଧକ୍କା ହୋଇ ଡ୍ରାଇଭର ଓ ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ଜଣଙ୍କ କଣ୍ଟାବାଞ୍ଜିର ରବୀନ୍ଦ୍ର କୁମାର ଅଗ୍ରୱାଲ ଓ ଆହତ ଡ୍ରାଇଭର ସୁଦାମ ରାଉତ ବୋଲି ସୂଚନା ମିଳିଛି। ସୂଚନା ଅନୁସାରେ ଜଗଦଳପୁରରୁ କଣ୍ଟାବାଞ୍ଜି ଫେରୁଥିବା ଏକ କାର ଆମପାଣି ଘାଟି ରାସ୍ତାର ଏକ ବୁଲାଣିରେ ଭାରସାମ୍ୟ ହରାଇ ଟ୍ରକ୍‌କୁ ପିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଆହତ ଦୁଇ ଜଣଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ରବୀନ୍ଦ୍ରଙ୍କୁ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ କାର ଓ ଟ୍ରକକୁ ଜବତ କରି ପୁଲିସ ଘଟଣାର ତଦନ୍ତ କରୁଛି।



## ଧାନମଣ୍ଡିରେ ପଶିଲା ବର୍ଷା ଜଳ

**ଝାରବନ୍ଧ, ୨୦।୬ (ସମିସ):** ଝାରବନ୍ଧ ଅଞ୍ଚଳରେ ଅଚାନକ ଘଡ଼ଘଡି ସହ ପ୍ରବଳ ବର୍ଷା ହୋଇଛି। ରବି ଫସଲ ଡଭା ଧାନ ମଣ୍ଡିରେ ରହିଥିଲା। ଚାଷୀମାନେ ହଠାତ ବର୍ଷା ହେବ ବୋଲି ଚିନ୍ତା କରି ନଥିଲେ। ଫଳରେ ବର୍ଷା ଜଳ ମଣ୍ଡିରେ ଧାନ ଗଦା ଭିତରକୁ ପଶିଥିଲା। ଅତର୍କିତ ଭାବରେ ବର୍ଷାର ପ୍ରାଦୁର୍ଭାବ ଚାଷୀମାନଙ୍କୁ ବ୍ୟତିବ୍ୟସ୍ତ କରି ପକାଇଛି। ଧାନ ବସ୍ତା ଗଦା ଉପରେ ପ୍ଲାଷ୍ଟିକ ଘୋଡେଇ ଥିଲେ ମଧ୍ୟ ତଳ ପଟୁ ପାଣି ପଶିଯାଇଛି। ଧାନ ଶୀଘ୍ର ଅନ୍ୟତ୍ର ଉଚ୍ଚ ସ୍ଥାନକୁ ନନେଲେ ଧାନ ବେରଙ୍ଗ ହେବା ସହ ଗଜା ହେବାର ସମ୍ଭାବନା ରହିଛି। ପ୍ରଚଣ୍ଡ ରୌଦ୍ରତାପରେ ଜୀବନକୁ ବାଜି ଲଗାଇ ଚାଷୀ ନିଜର କଷ୍ଟଲବ୍ଧ ଧାନର ମୂଲ୍ୟକୁ ଏପରି ଅବସ୍ଥାରେ ଦେଖି ଚାଷ ପ୍ରତି ଭିନ୍ନ ଧାରଣ ସୃଷ୍ଟି ହେଉଛି।



## ସାନ ଟେମରିରେ ନୂତନ ଚାଷୀ କମିଟି ଗଠିତ

**ଜୟପାଟଣା, ୨୦।୬(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅନ୍ତର୍ଗତ ସାନ ଟେମରି ଧାନ ମଣ୍ଡିଠାରେ ତିନୋଟି ଗ୍ରାମର ଚାଷୀମାନଙ୍କୁ ନେଇ ଏକ ନୂତନ କୃଷକ କମିଟି ଗଠନ ହୋଇଛି। ସୂଚନାରୁ ପ୍ରକାଶ ଯେ ଆଗାମୀ ଦିନରେ ମଣ୍ଡି ବ୍ୟବସ୍ଥାର ସୁପରିଚାଳନା ଦିଗରେ ଏହି କମିଟି କାର୍ଯ୍ୟ କରିବ। ଚାଷୀ ମଣ୍ଡିକୁ ଧାନ ନେଇ ବିନା ବାଧାବିଘ୍ନରେ କିପରି ଧାନ ବିକ୍ରି କରି ପାରିବ ସେଥିପାଇଁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହ କମିଟି ଆଲୋଚନା କରି ତାହାର ସମାଧାନର ବାଟ ବାହାର କରିବ ବୋଲି ସଭାରେ କୁହାଯାଇଛି। ସର୍ବସମ୍ମତିକ୍ରମେ ସଭାପତି ଧନବଳ ଶବର, ଉପ ସଭାପତି ସତ୍ୟ ରଞ୍ଜନ ସିଂହ, ସମ୍ପାଦକ ସରୋଜ କୁମାର ସିଂହ, ସହ ସମ୍ପାଦକ ଅଶ୍ୱିନୀ ଶବର ଓ କୋଷାଧ୍ୟକ୍ଷ ଭାବରେ ପ୍ରଶାନ୍ତ କୁମାର ସାହୁଙ୍କୁ ମନୋନୀତ କରାଯାଇଛି। ଆଗାମୀ ଦିନରେ ଏହି କମିଟି ଚାଷୀଙ୍କ ସ୍ୱାର୍ଥ ପାଇଁ କାମ କରିବ ବୋଲି କୁହାଯାଇଛି।

## ପଦ୍ମପୁର ବଜାରରେ ବନଜାତ ଦ୍ରବ୍ୟର ପସରା

**ପଦ୍ମପୁର, ୨୦।୬ (ସମିସ):** ପଦ୍ମପୁର ଉପଖଣ୍ଡ ବଣଜଙ୍ଗଲରେ ଭରପୁର। ଏହି ଉପଖଣ୍ଡର ବିଶେଷ କରି ପଦ୍ମପୁର, ପାଇକମାଳ, ଝାରବନ୍ଧ ଅଞ୍ଚଳରେ ପ୍ରକୃତିଦତ୍ତ ଫୁଲ ଫଳ ଏବଂ ଜଙ୍ଗଲଜାତ ଦ୍ରବ୍ୟ ଭରପୁର ମାତ୍ରରେ ମିଳିଥାଏ। ଏହା ଉପରେ ନିର୍ଭର କରି ବନବାସୀ ମାନେ ତାଙ୍କ ଗୁଜରାଣ ମେଣ୍ଟାଇବା ସହିତ ପରିବାର ପୋଷିଥାନ୍ତି। ଏବେ ପଦ୍ମପୁର ସହରର ବଜାରରେ ପ୍ରତିଦିନ ବନଜାତ ଦ୍ରବ୍ୟ ବିକ୍ରି ପାଇଁ ଆସୁଛି। ଲୋକମାନେ ଏହି ସୁଯୋଗ ଖାଇବା ପାଇଁ ହାତଛଡା କରୁ ନାହାନ୍ତି। ବଜାରରେ ବର୍ତ୍ତମାନ ଆମ୍ବ, ଜାମୁଡାଳି, ଖଜୁରୀ, କୁଲେରଶାଗ, ଟୋଲଛାଲି, ତେନ୍ତୁଳି ସମେତ ବିଭିନ୍ନ ବନଜାତ ଦ୍ରବ୍ୟ ଉପଲବ୍ଧ ହେଉଛି। ବିଶେଷ କରି ବନବାସୀ ମହିଳା ମାନେ ଏହି ଜିନିଷ ବିକ୍ରି ପାଇଁ ଆଣୁଛନ୍ତି। ବର୍ତ୍ତମାନ ବଜାରରେ ଜାମୁକୋଳିର ଚାହିଦା ଅଧିକ ଥିବାବେଳେ ଆଉ କିଛି ଦିନ ପରେ ବାଉଁଶ କରଡି ସମେତ ଜଙ୍ଗଲି ଛତୁ ମଧ୍ୟ ବଜାରକୁ ଆସିବ। ଜଙ୍ଗଲଜାତ ଦ୍ରବ୍ୟରେ ଔଷଧୀୟ ଗୁଣ ଥିବା ସହିତ ଏହାର ସ୍ୱାଦ ନିଆରା ଥିବାରୁ ଲୋକମାନେ ଆଗ୍ରହର ସହିତ ଏହାକୁ କିଣିଥାନ୍ତି।



## ସଚିନ ଦଣ୍ଡସେନାଙ୍କ ପ୍ରକଳ୍ପ ଜାତୀୟସ୍ତରକୁ ମନୋନୀତ

**ନୂଆପଡ଼ା, ୨୦।୬(ସମିସ):** ସଦର ବ୍ଲକ ନୂଆପଡ଼ାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମହୁଲଭଟାର ଛାତ୍ର ସଚିନ ଦଣ୍ଡସେନାଙ୍କ ବିଜ୍ଞାନ ପ୍ରକଳ୍ପ ରାଜ୍ୟ ସ୍ତରୀୟରୁ ଜାତୀୟସ୍ତରୀୟପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା ପାଇଁ ଚୟନ ହୋଇଛି। ମାର୍ଗଦର୍ଶିକା ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ବେଉରାଙ୍କ ମାର୍ଗଦର୍ଶନରେ ଶିଶୁ ବୈଜ୍ଞାନିକ ସଚିନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ 'ଖାଦ୍ୟ ପରିରକ୍ଷକ ଗୋଲି' ଅନଲାଇନ ମାଧ୍ୟମରେ ରାଜ୍ୟସ୍ତରୀୟ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା ୨୦୨୨-୨୩ରେ ଭାଗନେଇ କୃତିତ୍ୱ ହାସଲ କରି ଜାତୀୟସ୍ତରରେ ପ୍ରଦର୍ଶିତ ହେବାପାଇଁ ମନୋନୀତ ହୋଇଛି। ଶିଶୁ ବୈଜ୍ଞାନିକଙ୍କ ପ୍ରସ୍ତୁତ ପ୍ରକଳ୍ପର ଉଦ୍ଦେଶ୍ୟ ସହଜ ଓ ସ୍ୱଳ୍ପ ମୂଲ୍ୟରେ ଖାଦ୍ୟ ପରିରକ୍ଷକ ଗୋଲି ତିଆରି ଓ ବ୍ୟବହାର କରି ଖାଦ୍ୟଶସ୍ୟକୁ ପୋକ ଓ କୀଟଙ୍କ ଦାଉରୁ ରକ୍ଷା କରିବା, ଖାଦ୍ୟଶସ୍ୟରେ ବିଷାକ୍ତ କେମିକାଲ ବ୍ୟବହାରରୁ ରକ୍ଷା କରିବା ଏବଂ ଖାଦ୍ୟକୁ ସୁରକ୍ଷିତ ରଖି ପାର୍ଶ୍ୱ ପ୍ରତିକ୍ରିୟାରୁ ରକ୍ଷା କରିବା ଉପରେ ଆଧାରିତ ଅଟେ। ଶିଶୁ ବୈଜ୍ଞାନିକ ସଚିନ ଏବଂ ମାର୍ଗଦର୍ଶିକା ଶିକ୍ଷୟିତ୍ରୀଙ୍କ ଏହି ସଫଳତା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଗିରିଧାରୀ ସା, ଗୋଷ୍ଠୀ ଶିକ୍ଷା ଅଧିକାରୀ ନୂଆପଡ଼ା ହେମସାଗର ମହାନନ୍ଦ ଶୁଭେଚ୍ଛା ଜ୍ଞାପନ କରିବା ସହିତ ନୂଆପଡ଼ା ଜିଲ୍ଲାର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି। ସୂଚନା ଯୋଗ୍ୟ ଯେ ସଚିନଙ୍କ ପାରିବାରିକ ଆର୍ଥିକ ସ୍ଥିତି ବହୁ ଦୁର୍ବଳ ହେତୁ ସେ ନିଜ ମାମୁଁ ଘରେ ରହି ପାଠ ପଢୁଛନ୍ତି। ତାଙ୍କୁ ଅଧିକ ପ୍ରୋତ୍ସାହନ ମିଳିଲେ ସେ ନିଜର ଦକ୍ଷତା ପ୍ରଦର୍ଶନ କରି ଆଗକୁ ଯାଇପାରିବେ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି।



## ବଜାର ନାହିଁ, ବେପାରୀ କବ୍‌ଜାରେ ଟୋଲ

**ପଦ୍ମପୁର, ୨୦।୬ (ସମିସ):** ପଦ୍ମପୁର ଅଞ୍ଚଳ ବନଜାତ ଦ୍ରବ୍ୟ ମହୁଲ, ଟୋଲ, ଚାର ପାଇଁ ପ୍ରସିଦ୍ଧି ଲାଭ କରିଥିବା ବେଳେ ଉପଯୁକ୍ତ ବଜାର ସୁବିଧା ନଥିବାରୁ ପଡ଼ୋଶୀ ଛତିଶଗଡ଼ ବ୍ୟବସାୟୀ ଲୋକଙ୍କ ଠାରୁ ଅତି କମ ମୂଲ୍ୟରେ ବନଜାତ ଦ୍ରବ୍ୟ କିଣି ନେଉଛନ୍ତି। ପଦ୍ମପୁର ଅଞ୍ଚଳରେ ମହୁଲ ଫୁଲ ସଂଗ୍ରହ ପରେ ଏହାର ଫଳ ଟୋଲରୁ ତେଲ ଓ ପିଡ଼ିଆ ବାହାର କରାଯାଇ ଥାଏ। ବର୍ତ୍ତମାନ ରିଫାଇନ ତେଲ, ସୋରିଷ ତେଲ ଆକାଶ ଛୁଆଁ ଦର ହୋଇଥିବା ବେଳେ ଏହି ଟୋଲରୁ ତେଲ ପ୍ରସ୍ତୁତ କରି ବ୍ୟବହାର କରାଯାଇଥାଏ। ସକାଳ ହେଲେ ବିଭିନ୍ନ ପରିବାରର ଲୋକେ ଟୋଲ ସଂଗ୍ରହ କରିବା ପାଇଁ ଯାଆନ୍ତି ଏହାର ମଞ୍ଜିକୁ ବାହାର କରି ଚୋପା ଛଡ଼େଇ ଖରାରେ ଶୁଖାନ୍ତି। ଭଲ ଭାବରେ ଶୁଖିଗଲା ପରେ ଏହାକୁ ବ୍ୟବସାୟୀ ମାନେ କିଣି ପ୍ରକିୟାକରଣ କରି ତେଲ ପ୍ରସ୍ତୁତ କରିଥାନ୍ତି। ମାତ୍ର ପଦ୍ମପୁର ଅଞ୍ଚଳରେ ଏହି ପ୍ରକିୟାକରଣ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ଲୋକମାନେ ଏହା ସଂଗ୍ରହ କରି ଅତି କମ୍ ମୂଲ୍ୟରେ ବେପାରୀ ହାତରେ ବାଧ ହୋଇ ଦେଉଛନ୍ତି। ତେଣୁ ଏହି ଅଞ୍ଚଳରେ ବନଜାତ ଦ୍ରବ୍ୟ ପାଇଁ ବଜାର ବ୍ୟବସ୍ଥା କଲେ ଏ ଅଞ୍ଚଳର ଆଦିବାସୀ ଉପକୃତ ହେବେ ବୋଲି ମତ ପ୍ରକାଶ ପାଉଛି।



## ଶିଶୁ ଶ୍ରମିକ ନିରୋଧ ସଚେତନତା ରଥ ଶୁଭାରମ୍ଭ

**ବଲାଙ୍ଗିର, ୨୦।୬(ସମିସ):** ଶିଶୁ ଶ୍ରମ ବିରୋଧରେ ମାସବ୍ୟାପି ସଚେତନତା ପକ୍ଷ ପାଳନ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ସଚେତନତା ରଥର ଶୁଭାରମ୍ଭ କରାଯିବ ସହିତ ଶୋଭାଯାତ୍ରା କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ ଯୋଗଦେଇ ସବୁଜ ପତାକା ଦେଖାଇ ରଥକୁ ଶୁଭାରମ୍ଭ କରିଥିଲେ। ଶିଶୁମାନଙ୍କୁ ଶ୍ରମିକ ଭାବରେ ନିୟୋଜିତ ନ କରିବା ପାଇଁ ଏହି ରଥ ବିଭିନ୍ନ ସ୍ଥାନରେ ବୁଲିବୁଲି ଜନ ସଚେତନତା ସୃଷ୍ଟି କରିବ। ଶିଶୁ ଶ୍ରମିକ ନିୟୋଜିତ ଏକ ଅପରାଧ ଅଟେ। ତେଣୁକରି ଶିଶୁ ମାନଙ୍କୁ ଶିକ୍ଷା ଦେଇ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କଲେ ଏକ ସୁସ୍ଥ ସମାଜ ଓ ବିକଶିତ ଦେଶ ଗଠନ କରାଯାଇ ପାରିବ ବୋଲି ମତପ୍ରକାଶ ପାଇଥିଲା। ଶୋଭାଯାତ୍ରାରେ ବିଭିନ୍ନ ଅଧିକାରୀ, ବିଭିନ୍ନ ସଙ୍ଗଠନର ସଦସ୍ୟ ଓ ଜନସାଧାରଣ ଯୋଗଦେଇଥିଲେ।

ଡାଟା ସାମ୍ବାଦିକତା ଉପରେ ଦିନିକିଆ କର୍ମଶାଳା

## 'ବୈଷୟିକ ଜ୍ଞାନକୌଶଳକୁ ଆପଣାଇବାକୁ ପଡ଼ିବ'

**ନୂଆପଡ଼ା, ୨୦।୬(ସମିସ):** ଦିନକୁ ଦିନ ବୈଷୟିକ ଜ୍ଞାନ କୌଶଳ ସହ ଆମକୁ ତାଳ ଦେଇ କାମ କରିବାକୁ ପଡ଼ିବ। ଏହା ଆମକୁ ଆହୁରି ଶସକ୍ତ ଏବଂ ନୂତନ ଜ୍ଞାନ କୌଶଳ ଯୋଗାଇଦେବାରେ ମଧ୍ୟ ସହାୟକ ହେଉଛି। ତେଣୁ ଏହାକୁ ନେଇ ଗୁଗୁଲ ଇନିସିଏଟିଭ ଏବଂ ଜିଲ୍ଲା ସାମ୍ବାଦିକ ସଂଘ 'ଜାନ୍' ତରଫରୁ ଡାଟା ଜର୍ଣ୍ଣାଲିଜିମ ଏବଂ ଡିଜିଟାଲ ଭେରିଫିକେସନ ଉପରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଇରିଗେସନ ଡାକ ବଙ୍ଗଳାରେ ଆୟୋଜିତ କର୍ମଶାଳାରେ ଜାନର ସଭାପତି ଘନଶ୍ୟାମ ଭୋଇ ସଭାପତିତ୍ୱ କରିଥିବାବେଳେ ଏଥିରେ ଗୁଗୁଲ ତରଫରୁ ପ୍ରଶିକ୍ଷକ ଭାବରେ ଜିଏନଆଇ ନେଟୱାର୍କ ଏବଂ ଆମିଟି ସ୍କୁଲ ଅଫ କମ୍ୟୁନିକେସନ ରାୟପୁରର ପ୍ରଫେସର ବିଚିତ୍ରାନନ୍ଦ ପଣ୍ଡା ଯୋଗଦେଇ ବିଷଦ ଭାବରେ ଆଲୋଚନା କରିଥିଲେ। ବୈଦ୍ୟୁତିକ ମାଧ୍ୟମରେ ଗୁଗୁଲର ବିଭିନ୍ନ ମ୍ୟାପିଙ୍ଗ ଟୁଲ୍ସ ବ୍ୟବହାର କରି କିପରି ଅନୁସନ୍ଧାନମୂଳକ ତଥ୍ୟ ସଂଗ୍ରହ କରି ସାମ୍ବାଦିକତା କରାଯାଇପାରିବ ସେ ଉପରେ ଟିକିନିଖି ତଥ୍ୟ ଭିତ୍ତିକ ଉପସ୍ଥାପନା କରି ବୁଝାଇଥିଲେ। ବିଭିନ୍ନ ସମୟରେ ମିଥ୍ୟା ତଥ୍ୟ ଗୁଡିକ ବିଭିନ୍ନ ଗଣମାଧ୍ୟମରେ ଘୁରି ବୁଲୁଛି ସେ ଗୁଡିକୁ କିପରି ଯାଞ୍ଚ କରାଯାଇ ନିର୍ଭୁଲ ସାମ୍ବାଦିକତା କରାଯାଇପାରିବ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ସାମ୍ବାଦିକମାନେ କିପରି ତୃଣମୂଳ ସ୍ତରରେ ବିଭିନ୍ନ ଝଡଝଞ୍ଜା ମଧ୍ୟରେ ସେମାନଙ୍କର ଲେଖନୀ ଚାଳନା କରିଥାନ୍ତି ସେ ଉପରେ ନିଜ ନିଜର ଅନୁଭୂତି ବଖାଣିଥିଲେ। ସାମ୍ବାଦିକ ସକାଶେ ତଥ୍ୟ ସଂଗ୍ରହ, ଯାଞ୍ଚ ପାଇଁ ଗୁଗୁଲ ସିଟ, ଟେବୁଲ ଆଦି ବ୍ୟବହାର କରି ରିଭର୍ସ ଇମେଜ ସନ୍ଧାନ, ଗୁଗୁଲ ଲେନ୍ସ ଆଦିର ବ୍ୟବହାର ଉପରେ ସବିଶେଷ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସଂଘ ତରଫରୁ ଉପସଭାପତି ଅଶ୍ୱିନୀ କୁମାର ପାଣିଗ୍ରାହୀ, ସରୋଜ କୁମାର ଦାସ, ଯୋଗେଶ୍ୱର ସଗରିଆ ପ୍ରମୁଖ ମଞ୍ଚାସୀନ ଥିଲେ। ସଞ୍ଜୀବ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ରତନ କେତକୀ ଧନ୍ୟବାଦ ଜ୍ଞାପନ କରିଥିଲେ। ଏଥିରେ ଜିଲ୍ଲାର ସମସ୍ତ ବରିଷ୍ଠ ସାମ୍ବାଦିକମାନେ ଯୋଗ ଦେଇଥିଲେ।

## ସିଟି ଓ ଜିଏସ୍‌ଟି ବିଭାଗର ଯାଞ୍ଚ



**କଣ୍ଟାବାଞ୍ଜି, ୨୦।୬(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ତୁରେକେଲା ରୋଡ଼୍‌ରେ ଗୁରବାର ସିଟି ଜିଏସ୍‌ଟି ଏନଫୋର୍ସମେଣ୍ଟ ବଲାଙ୍ଗିର ୟୁନିଟ ପକ୍ଷରୁ ଯାଞ୍ଚ କରାଯାଇଛି। ଖରିଆରରୋଡ୍ ଅଭିମୁଖେ ମାଲ ନେଇ ଯାଉଥିବା ପଙ୍କଜ ଏଜେନ୍ସୀର ଏକ ଗାଡ଼ିକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଏହି ଗାଡ଼ିରେ କ୍ୟାଷ୍ଟ୍ରୋଲ କମ୍ପାନୀର ଇଞ୍ଜିନ ଅଏଲ ଏବଂ ଅନ୍ୟ କିଛି ସାମଗ୍ରୀ ଓଭର ଲୋଡ୍ ହେଇ ଯାଉଥିବାବେଳେ ଗାଡ଼ିକୁ ରୋକି କାଗଜପତ୍ର ଯାଞ୍ଚ କରାଯାଇଥିଲା। କାଗଜପତ୍ର ଠିକ୍ ନ ଥିବାରୁ ୫୩୦୨୨ଟଙ୍କା ଜରିମାନା କରାଯାଇଥିବା ଚାଳକ କହିଥିଲେ। ପରେ ଗାଡ଼ି ମାଲିକ ଆସି ଯାଞ୍ଚ ଅଧିକାରୀଙ୍କ ସହ କଥା ବାର୍ତ୍ତା କରିବାରୁ ଜରିମାନାକୁ ୨୫୦୦୦ ଟଙ୍କା କରି ଦେଇଥିଲେ। ଦୁହିଁଙ୍କ ମଧ୍ୟରେ କଣ ଏମିତି କଥା ବାର୍ତ୍ତା ହୋଇଥିଲା ଯେ ସଙ୍ଗେ ସଙ୍ଗେ ଜରିମାନା ଏତେ ପରିମାଣରେ କମି ଯାଇଥିଲା ତାହା ତଦନ୍ତ ସାପେକ୍ଷ ଅଟେ। ଏହି ଚଢ଼ଉରେ ଅତିରିକ୍ତ କମିସନର ରାଜେନ୍ଦ୍ର ନାୟକ, ସିଟିଓ ଜିତେନ୍ଦ୍ର ବାଗ ଏବଂ ଶାନ୍ତନୁ ବାଗ ସାମିଲ ଥିଲେ।

## ବରପାଲି ମହାବିଦ୍ୟାଳୟରେ ରକ୍ତଶିକୁଳି ଦିବସ




**ବରପାଲି, ୨୦।୬(ସମିସ):** ବରପାଲି ମହାବିଦ୍ୟାଳୟ ପରିସରରେ ବିଶ୍ୱ ରକ୍ତ ଶିକୁଳି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରକ୍ତହୀନତା ନିରାକରଣ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁବାର ପୂର୍ବାହ୍ନରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଜୟନ୍ତୀ ଦାଶଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଉଦଘାଟିତ ହୋଇଥିଲା। ଏନ୍. ଏସ.ଏସ. ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଭକ୍ତବନ୍ଧୁ ପ୍ରଧାନ ଓ ଅଧ୍ୟାପିକା ସୀମାଞ୍ଜଳି ଦାସଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ସମ୍ମାନିତ ଅତିଥି ଭାବରେ ପ୍ରାଧ୍ୟାପକ ସୁଶୀଳ କୁମାର ଶତପଥୀ, ଅଧ୍ୟାପକ ଧିରୋଜ କୁମାର ତ୍ରିପାଠୀ, ଉତ୍ତର ଗଡ଼ତିଆ, ଡ. ପାରେଶ୍ୱର୍ ସାହୁ, ଡ. ପ୍ରହଲ୍ଲାଦ ଦେବତା, ଡ. ଭଗବାନ ମହାନନ୍ଦ, ଅଶୋକ ପଧାନ, ଅଲେଖ ମହାନନ୍ଦ, ବିଶ୍ୱନାଥ ସାହୁ, ଅରୁଣ କୁମାର ବାରିକ, ମନିଷା ଦାଶ, ଗଣେଶ ପ୍ରସାଦ ମିଶ୍ର, ଡ. ସୀମାଞ୍ଚଳ ପ୍ରଧାନ, ଡ. କାହ୍ନୁ ମେହେର ପ୍ରମୁଖ ଯୋଗଦେଇ ରକ୍ତ ଶିକୁଳି ରୋଗର କାରଣ ଓ ନିରାକରଣ ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ ସହ କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

ଜମି, ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ

# ଜଙ୍ଗଲ ଜମି ପଟ୍ଟା ନ ଦେଲେ ଚାରାରୋପଣରେ ଅସହଯୋଗ

ସିନାପାଲି, ୨୦।୬(ସମିସ)

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ଉପାନ୍ତ ତଥା ବଣ ପାହାଡ ଘେରା ନଙ୍ଗଲବୋର୍ଡ ବଜାର ପଡ଼ିଆଠାରେ ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ କମିଟି ତରଫରୁ ତିନି ଗୋଟି ଗ୍ରାମ ପଞ୍ଚାୟତର ପାରମ୍ପରିକ ବନବାସୀମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ସିନାପାଲି ବ୍ଲକ ସଭାପତି ହନୁରାମ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନେକ ବିଷୟରେ ଆଲୋଚନା କରାଯାଇଛି। ଏଥିରେ ବନବିଭାଗ ବିଭିନ୍ନ ସ୍ଥାନରେ ଚାରାରୋପଣ କରିବା ପାଇଁ ନର୍ସରୀ କରିଛି। ହେଲେ କୌଣସି ଗ୍ରାମରେ ଗ୍ରାମ ସଭା କରାଯାଇନାହିଁ। ଏପରିକି କେଉଁ ଅଞ୍ଚଳରେ କେଉଁ ଚାରା ରୋପଣ କରାଯିବ ତାହା ମଧ୍ୟ କୌଣସି ଜଙ୍ଗଲ କମିଟିକୁ ଜଣାଇନାହିଁ। ନିଜର ମନଇଚ୍ଛା ଚାରା ରୋପଣ କରିବା ପାଇଁ ତତ୍ପରତା ଦେଖାଉଛି ବନ ବିଭାଗ। ନିଜର ଅଧିକାର ନ ମିଳିବା ଯାଏଁ ଚାରାରୋପଣ କାର୍ଯ୍ୟରେ ସମ୍ପୂର୍ଣ୍ଣ ଅସହଯୋଗ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ନୂଆପଡ଼ା ଜିଲ୍ଲାର ସିନାପାଲି ଅଞ୍ଚଳରେ ଅନେକ ବନବାସୀ ପୁରୁଷାନୁକ୍ରମେ ପାରମ୍ପରିକ ଭାବରେ ଜଙ୍ଗଲ ଜମି ଦଖଲ କରି ଚାଷ ବାସ କରିବା ସହ ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ମୋ ଜଙ୍ଗଲ ଜମି କାର୍ଯ୍ୟକାରୀ କରିବା ପାଇଁ ବନବାସୀମାନେ ବ୍ୟକ୍ତିଗତ, ଗୋଷ୍ଠୀଗତ ଓ ଗୋଷ୍ଠୀଗତ ସମ୍ବଳ ଅଧିକାର ପାଇଁ ଆବେଦନ ଫର୍ମ ଦାଖଲ କରି ସାରିଛନ୍ତି। ଏଥିପାଇଁ ଆବଶ୍ୟକୀୟ ପ୍ରମାଣପତ୍ର ମଧ୍ୟ ଦାଖଲ କରିଛନ୍ତି। ହେଲେ ଗତ ମାର୍ଚ୍ଚ ସୁଦ୍ଧା ସମସ୍ତ ଆବେଦନକାରୀମାନଙ୍କ ଯାଞ୍ଚ ପ୍ରକ୍ରିୟା ସମାପ୍ତ କରି ପଟ୍ଟା ପ୍ରଦାନ କରିବା ପାଇଁ ସରକାରୀସ୍ତରରେ ନିର୍ଦ୍ଦେଶ ରହିଥିଲା। ହେଲେ ଆଜି ପର୍ଯ୍ୟନ୍ତ କୌଣସି ନୂତନ ବନବାସୀଙ୍କୁ ପଟ୍ଟା ପ୍ରଦାନ କରାଯାଇ ନ ଥିବା ବେଳେ ମିଳିତ ଯାଞ୍ଚ ପ୍ରକ୍ରିୟା ମଧ୍ୟ ଆରମ୍ଭ କରାଯାଇନାହିଁ। ଯାହାଫଳରେ ବନବାସୀ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ବର୍ତ୍ତମାନ ଚାରାରୋପଣ କାର୍ଯ୍ୟରେ ଅସହଯୋଗ କରିବା ପାଇଁ ନିଷ୍ପତି ନିଆଯାଇଛି। ପ୍ରକାଶ ଯୋଗ୍ୟ ଯେ ସିନାପାଲି ବ୍ଲକର ୨୨ ଗୋଟି ଗ୍ରାମ ପଞ୍ଚାୟତରେ ବହୁଳ ଭାବରେ ଜଙ୍ଗଲ ଜମିକୁ ଦଖଲ କରି ଚାଷବାସ କରି ପରିବାର ପ୍ରତିପୋଷଣ କରିଥାନ୍ତି। ସେଥିମଧ୍ୟରୁ କିଛି ଆଦିବାସୀ ମାନଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ଆଜି ପର୍ଯ୍ୟନ୍ତ କୌଣସି ଅଣଆଦିବାସୀଙ୍କୁ ପଟ୍ଟା ପ୍ରଦାନ କରାଯାଇ ନାହିଁ। ଯାହା ଅନ୍ୟ ରାଜ୍ୟ ଓ ଓଡ଼ିଶାର କିଛି ଜିଲ୍ଲାର ବନବାସୀମାନଙ୍କୁ ପଟ୍ଟା ଦିଆଯାଇଛି। ହେଲେ ଗୋଟିଏ ରାଜ୍ୟରେ ଏଭଳି ପାତରଅନ୍ତର କାହିଁକି ବୋଲି ବୈଠକରେ କ୍ଷୋଭ ପ୍ରକାଶ ପାଇଛି। ଯେଉଁ ପର୍ଯ୍ୟନ୍ତ ଗୋଷ୍ଠୀଗତ, ବ୍ୟକ୍ତିଗତ ଓ ଗୋଷ୍ଠୀ ସମ୍ବଳ ଅଧିକାର ପ୍ରଦାନ କରାଯାଇ ନାହିଁ ସେ ପର୍ଯ୍ୟନ୍ତ ଚାରା ରୋପଣ କାର୍ଯ୍ୟରେ ଅସହଯୋଗ କରାଯିବ ବୋଲି ମତ ପ୍ରକାଶ ପାଇଛି। ଆଜିର ବୈଠକରେ ଜମି ଜଙ୍ଗଲ ମୁକ୍ତି ଆନ୍ଦୋଳନ ଆବାହକ ମେଘନାଦ ଖର୍ସେଲ, ଲକ୍ଷ୍ମଣ ମାଝି, ବୁଟୁରାମ ମାଝି, ରୂପଧର ମାଝି, ଅମର ସିଂ ମାଝି, ଟୋପଚନ ମଝୀ, କ୍ଷୀରସିଂ ମାଝି, ଅମର ସିଂ ଚିନ୍ଦା, ବୁଧୁରାମ ମାଝି, ବଳମତ ମାଝି, ଭବାନୀ ନାଗେଶ, ଡିଙ୍ଗର ମାଝିଙ୍କ ସମେତ ଅନେକ ଉପସ୍ଥିତ ରହିଥିଲେ।



